

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୯ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 MARCH 2024
Vol.No. 35 ■ No.78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପୁଣି ଏସବିଆଇ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

## ମାର୍ଚ୍ଚ ୨୧ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଦେବାକୁ କଲେ ତାଗିଦ୍




ନୂଆଦିଲ୍ଲୀ, ୧୮/୩ : ସିଲେକ୍ଟିଭ୍ ନୁହେଁ ସମସ୍ତ ତଥ୍ୟ। ନିର୍ବାଚନୀ ବଣ୍ଡକୁ ନେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆକୁ ଏଭଳି କିଛି କଡା ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ସେ କହିଛନ୍ତି, ଇଲେକଟୋରାଲ ବଣ୍ଡର ସବୁ ତଥ୍ୟ ଦିଅ। ବଣ୍ଡର ସିରିଏଲ୍ ନମ୍ବର ସମେତ କିଏ କିଏ କେଉଁ ଦଳକୁ କେତେ ଚାନ୍ଦା ଦେଇଛନ୍ତି, ତା'ର ସବୁ ତଥ୍ୟ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଇଲେକଟୋରାଲ ବଣ୍ଡର ତଥ୍ୟ ଷ୍ଟେଟ୍ ବ୍ୟାଙ୍କ୍ ଲୁଚାଇଛି ବୋଲି ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଥିଲା। ଏସବିଆଇ ଜମା କରିଥିବା ନିର୍ବାଚନୀ ବଣ୍ଡ ବିବରଣୀ ସମ୍ପୂର୍ଣ୍ଣ ନୁହେଁ ବୋଲି ଦର୍ଶାଇ ପାଞ୍ଚଜଣିଆ ଖଣ୍ଡପୀଠ ପୂର୍ବରୁ ବ୍ୟାଙ୍କକୁ ନୋଟିସ ଜାରି କରି ମାର୍ଚ୍ଚ ୧୮ ତାରିଖରେ ଶୁଣାଣି ପାଇଁ କହିଥିଲେ। ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏସ୍‌ବିଆଇକୁ ଭର୍ତ୍ସନା କରିଛନ୍ତି। ଅଦାଲତ କହିଛନ୍ତି ଯେ ମାର୍ଚ୍ଚ ୧୧ର ନିଷ୍ପତ୍ତିରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ବଣ୍ଡର ସମ୍ପୂର୍ଣ୍ଣ ବିବରଣୀ, କ୍ରୟ ତାରିଖ, କ୍ରେତାଙ୍କ ନାମ ଓ ବଣ୍ଡ ନମ୍ବର ଓ ଅର୍ଥ ଗ୍ରହଣ କରିଥିବା ଦଳ ସଂପର୍କରେ ସୂଚନା ଦିଆଯିବା ଉଚିତ। କିନ୍ତୁ ଏସ୍‌ବିଆଇ ଏହାକୁ ଉଲ୍ଲଂଘନ କରି ପୂର୍ଣ୍ଣାଙ୍ଗ ସୂଚନା ଦେଇନାହିଁ। ସେମାନଙ୍କୁ ବଣ୍ଡ ନମ୍ବର ଦେବାକୁ ହିଁ ହେବ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ଏସବିଆଇ କୌଣସି ତଥ୍ୟ ଲୁଚାଇ ନାହିଁ ବୋଲି ଗୁରୁବାର ସଂଧ୍ୟା ୫ଟା ସୁଦ୍ଧା ଏକ ସତ୍ୟପାଠ ଦେବାକୁ ମଧ୍ୟ ଏସବିଆଇ ଚେୟାରମ୍ୟାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଯେଉଁ ତଥ୍ୟ ଷ୍ଟେଟ ବ୍ୟାଙ୍କ ଦେଇଛି, ତାକୁ ୱେବସାଇଟରେ ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କହିରଖୁ ଯେ, ପୂର୍ବରୁ ଇଲେକଟୋରାଲ ବଣ୍ଡକୁ ରଦ୍ଦ କରିବା ସହିତ ଏହାର ସବୁ ତଥ୍ୟ ପ୍ରକାଶ କରିବାକୁ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ସୂଚନା ଦେବା ମାମଲାରେ ଏସ୍‌ବିଆଇ ଆବେଦନର ଶୁଣାଣି ମାର୍ଚ୍ଚ ୧୧ରେ ହୋଇଥିଲା ଏବଂ ମାର୍ଚ୍ଚ ୧୨ ସୁଦ୍ଧା ବିବରଣୀ ଦେବାକୁ ଏସ୍‌ବିଆଇକୁ କୋର୍ଟ କହିଥିଲେ। ମାର୍ଚ୍ଚ ୧୫ ସୁଦ୍ଧା ଏହାକୁ ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ନିର୍ବାଚନ କମିସନଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

# ବିଜେପିର ନିର୍ବାଚନୀ କସରତ: ପୁଣି ଦିଲ୍ଲୀ ଗଲେ ମନମୋହନ ସାମଲ




ଭୁବନେଶ୍ୱର, ୧୮/୩ (ନି.ପ୍ର): ନିର୍ବାଚନ ତାରିଖ ଘୋଷଣା ପରେ ନିର୍ବାଚନୀ କସରତ ଆରମ୍ଭ କରି ଦେଇଛି ରାଜ୍ୟ ବିଜେପି। କୋର୍ କମିଟି ଓ ନିର୍ବାଚନ କମିଟି ବୈଠକ ପରେ ଆଜି ଦିଲ୍ଲୀମୁହାଁ ହୋଇଛନ୍ତି ସଭାପତି ମନମୋହନ ସାମଲ। ନିର୍ବାଚନ କମିଟି ବୈଠକରେ ପ୍ରସ୍ତୁତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଧରି ମନମୋହନ ସାମଲ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ଏହି ତାଲିକାରୁ ପୁଣି ସର୍ଟ୍ ଲିଷ୍ଟ କରାଯିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। କିଏ କେଉଁଠୁ ବିଜେପିର ପ୍ରାର୍ଥୀ ହେବ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ସଂସଦୀୟ ବୋର୍ଡ ନେବେ। ଗତ ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟର ବିଳମ୍ବିତ ରାତି ଯାଏଁ ବୈଠକ ବସିଥିଲା। କୋର୍ କମିଟି ଓ ନିର୍ବାଚନ କମିଟି ବୈଠକରେ ସବିଶେଷ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ସକାଳେ ପ୍ରଥମେ ରାଜ୍ୟ କୋର୍ କମିଟି ଓ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ହୋଇଥିଲା। ଏହି ବୈଠକରେ ୨୦୨୪ ନିର୍ବାଚନ ଏକମାତ୍ର ଫୋକସ୍ ଥିଲା। ସବୁ ବିଧାନସଭା ଓ ଲୋକସଭା ପାଇଁ ରାଜ୍ୟ ବିଜେପି ପ୍ରାର୍ଥୀ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି। ଏହାର ସବିଶେଷ ରିପୋର୍ଟ ଧରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଜି ଦିଲ୍ଲୀ ଯାଇଥିବା ଜଣାଯାଇଛି। ଏହା ସହିତ ବୈଠକରେ ମୋଦି ସରକାରର ୧୦ ବର୍ଷର ସଫଳତାକୁ ଘରେ ଘରେ ପହଞ୍ଚାଇବ, ଏ ସଂପର୍କରେ ଲୋକଙ୍କର ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ମଙ୍ଗଳବାର, ବୁଧବାର ପ୍ରବଳ ବର୍ଷା ଓ କୁଆପଥର ମାଡ଼

ଭୁବନେଶ୍ୱର, ୧୮/୩ (ନି.ପ୍ର): ଉତ୍ତର ଓଡ଼ିଶାରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ଉପକୂଳ ଯାଏ ଏକ ନିମ୍ନଚାପରେଖା ସକ୍ରିୟ ରହିଛି। ଏହା ସହିତ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ପ୍ରଭାବରେ ରାଜ୍ୟ ମଧ୍ୟକୁ କ୍ରମାଗତ ଭାବେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଉଭୟ ନିମ୍ନ ଚାପରେଖା ଓ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପରସ୍ପର ସଂସ୍ପର୍ଶରେ ଆସି ପ୍ରତିକ୍ରିୟଶୀଳ ହେବା ସହିତ କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ପବନ ହେବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାର ଓ ବୁଧବାର ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ମଙ୍ଗଳବାର ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ▶▶ପୃଷ୍ଠା ୭

# ସରକାରୀ ବିଜ୍ଞାପନରେ 'ଶଙ୍ଖ' ଚିହ୍ନ ମାମଲା: ଇସିଆଇ ବିଚାର ପାଇଁ ଗ୍ରହଣ କରିଥିବାରୁ ହସ୍ତକ୍ଷେପ କରିବାକୁ ମନାକଲେ ହାଇକୋର୍ଟ



ଭୁବନେଶ୍ୱର, ୧୮/୩ (ନି.ପ୍ର): ସରକାରୀ ବିଜ୍ଞାପନରେ ଶଙ୍ଖ ଚିହ୍ନ ବ୍ୟବହାର ସମ୍ପର୍କିତ ମାମଲାକୁ ଆଜି ଖାରଜ କରିଛନ୍ତି ହାଇକୋର୍ଟ। ଭାରତୀୟ ନିର୍ବାଚନ କମିଶନ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିବାରୁ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି ହାଇକୋର୍ଟ। ତେବେ କମିଶନଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହେଲେ ଆବେଦନକାରୀ ପୁଣି ଆସି ପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିଭିନ୍ନ ସରକାରୀ ଯୋଜନାର ବହୁଳ ପରିମାଣର ବିଜ୍ଞାପନ ଦେବା ଏବଂ ସେସବୁ ବିଜ୍ଞାପନରେ ବିଜେଡିର ଦଳୀୟ ଚିହ୍ନ 'ଶଙ୍ଖ'ର ବ୍ୟବହାର ବନ୍ଦ କରିବାକୁ ବିଜେପି ନେତା ଯତୀନ ମହାନ୍ତି ପ୍ରଥମେ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ କୋଟି କୋଟି ଟଙ୍କା ବିଜ୍ଞାପନ ବାବଦରେ ଖର୍ଚ୍ଚ କରୁଛନ୍ତି, ▶▶ପୃଷ୍ଠା ୭

# ପୁରୀ ଓ କେନ୍ଦ୍ରାପଡ଼ା ପ୍ରାର୍ଥୀଙ୍କୁ ବିଜେଡିର ଗ୍ରୀନ୍ ସିଗନାଲ୍, କେନ୍ଦ୍ରୀୟ ଟିମଙ୍କୁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଦେଲା ରାଜ୍ୟ ବିଜେପି



ଭୁବନେଶ୍ୱର, ୧୮/୩ (ନି.ପ୍ର): ନିର୍ବାଚନୀ ବିଗୁଲ ବାଜିବା ପରେ ବି ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ନିର୍ବାଚନୀ ମେଂଟକୁ ନେଇ ସସପେନ୍ସ ବଳବତ୍ତର ରହିଛି। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପାଇଁ ପ୍ରାର୍ଥୀପତ୍ର ଦାଖଲକୁ ଆଉ ମାସେ ବାକି ଥିବାରୁ ମେଂଟ ଦ୍ୱନ୍ଦ୍ୱ ମଧ୍ୟରେ ଦୁଇ ଦଳ ନିଜ ନିଜ ସ୍ତରରେ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ବିଜେଡି ଆଜି ଉଭୟ ପୁରୀ ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରେ ଲଢ଼ିବା ପାଇଁ ଦଳୀୟ ନେତାଙ୍କୁ ଗ୍ରୀନ୍ ସିଗନାଲ ଦେଇଥିବାବେଳେ ରାଜ୍ୟ ବିଜେପି ମଧ୍ୟ ଅନୁରୂପ ଭାବେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା କେନ୍ଦ୍ରୀୟ ନେତୃତ୍ୱ (ସଂସଦୀୟ କମିଟି)ଙ୍କୁ ହସ୍ତାନ୍ତର କରିଛି। ଗତ ଶୁକ୍ରବାର ରାଜ୍ୟ ବିଜେପିର କୋର୍ ଟିମ୍ ବୈଠକରେ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଥିଲା। ପୁରୀ ଓ କେନ୍ଦ୍ରାପଡ଼ା ଲୋକସଭା ଆସନ ଓ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରୁ କିଏ ଦଳୀୟ ପ୍ରାର୍ଥୀ ହେବେ ସେ ନେଇ ମଧ୍ୟ ଗ୍ରୀନ୍ ସିଗନାଲ ଆଜି ବିଜେଡି ନେତୃତ୍ୱ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ବିଜେଡି ଓ ବିଜେପି ମଧ୍ୟରେ ସମ୍ଭାବ୍ୟ ମେଂଟକୁ ନେଇ ଦିନ ଗଡୁଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦ୍ୱିତୀୟ ପ୍ରଭାବଶାଳୀ ନେତା ଭିକେ ପାଣ୍ଡିଆନ ଆଜି ଉଭୟ ପୁରୀ ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ନେତାମାନଙ୍କୁ ଭିନ୍ନ ଭିନ୍ନ ସମୟରେ ଭେଟି ସାଂଗଠନିକ ▶▶ପୃଷ୍ଠା ୭

# ଇସ୍ତଫା ଦେଲେ ତେଲଙ୍ଗାନା ରାଜ୍ୟପାଳ



ନୂଆଦିଲ୍ଲୀ, ୧୮/୩ : ଇସ୍ତଫା ଦେଲେ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦର୍ଯ୍ୟରାଜନ୍। ଆଜି ରାଷ୍ଟ୍ରପତି ଭବନକୁ ବିଧିବଦ୍ଧ ଭାବେ ସେ ନିଜ ଇସ୍ତଫାପତ୍ର ପଠାଇଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଓ ପୁଡୁଚେରୀର ଖଏ ଭାବେ ତାଙ୍କ ପାଖରେ ଅତିରିକ୍ତ ଦାୟିତ୍ୱ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଏବେ ତେଲଙ୍ଗାନା ଗସ୍ତରେ ଅଛନ୍ତି। ସେ ସେଠାରେ ନାରୀ ଶକ୍ତିକୁ ନେଇ ଭାଷଣ ମଧ୍ୟ ଦେଇଛନ୍ତି। ଏହାରି ଭିତରେ ତେଲଙ୍ଗାନା ରାଜ୍ୟପାଳ ଇସ୍ତଫା ଦେଇଥିବା ନେଇ ଖବର ସାମ୍ନାକୁ ଆସିଛି। ମିଡିଆ ରିପୋର୍ଟରା ଦାବି କରାଯାଉଛି ଯେ, ତାମିଲିସାଇ ସୌନ୍ଦର୍ଯ୍ୟରାଜନ୍ ବିଜେପି ଟିକେଟ୍ ?ରେ ତାମିଲନାଡୁରେ ନିର୍ବାଚନ ଲଢ଼ିପାରନ୍ତି। ସେ ୨୦୧୯ରେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ସେ ହାରି ଯାଇଥିଲେ। ଏହାପୂର୍ବରୁ ୨୦୦୯ରେ ମଧ୍ୟ ସେ ଚେନ୍ନାଇ ଉତ୍ତରରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, କିନ୍ତୁ ଏଠାରେ ମଧ୍ୟ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ସେ ଡିଏମକେର ଜ୍ଞକଝ ଏଲାଙ୍ଗୋଭାନଙ୍କ ଠାରୁ ବିପୁଳ ଭୋଟ ବ୍ୟବଧାନରେ ହାରି ଯାଇଥିଲେ।

# ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ମିଳିଲା ଆଶ୍ୱସ୍ତି



ଭୁବନେଶ୍ୱର, ୧୮/୩ (ନି.ପ୍ର): ସୁପ୍ରିମକୋର୍ଟରୁ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କୁ ମିଳିଲା ଆଶ୍ୱସ୍ତି। ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେଲେ ସୁପ୍ରିମକୋର୍ଟ। ଦୁଇ ସପ୍ତାହ ତଳେ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ ହାଇକୋର୍ଟ। ତାଙ୍କ ବିରୋଧରେ ଆସିଥିବା ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଥିଲେ ହାଇକୋର୍ଟ। ଗତ ବିଧାନସଭା ନିର୍ବାଚନରେ ନାମାଙ୍କନ ଦାଖଲ ବେଳେ ଅପରାଧିକ ମାମଲାର ସବିଶେଷ ତଥ୍ୟ ଦେଇ ନ ଥିଲେ ମୋକିମ। ଏପରିକି ସେ ଜାଣିଶୁଣି କିଛି କ୍ୟାଟେଗରୀ ▶▶ପୃଷ୍ଠା ୭

# ବିହାର ଏନଡିଏରେ ହେଲା ସିଟ୍ ଭାଗବଣ୍ଟା: ୧୭ ଆସନରେ ଲଢ଼ିବ ବିଜେପି, ୧୬ ଆସନରେ ଲଢ଼ିବ ଜେଡିୟୁ



ନୂଆଦିଲ୍ଲୀ, ୧୮/୩ (ନି.ପ୍ର): ଲୋକସଭା ନିର୍ବାଚନ ପାଇଁ ବିହାରରେ ଛିଡିଲା ସିଟ୍ ଭାଗବଣ୍ଟା । ଏନଡିଏ ଦଳମାନଙ୍କ ଭିତରେ ସିଟ୍ ସେୟାରିଂକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଶେଷରେ ଦୂର ହେଇଛି । ମୋଟ ୪୦ଟି ଆସନ ମଧ୍ୟରୁ ବିଜେପି ସେଠାରେ ୧୭ଟି ଆସନରେ ଲଢିବାକୁ ନିଷ୍ପତ୍ତି ହେଇଛି । ଏଥିସହିତ ବିହାର ବିଜେପିର ପ୍ରଭାରୀ ବିନୋଦ ତାୱ୍ଡେ ପ୍ରେସମିଟ୍ କରି ଏନଡିଏ ମେଣ୍ଟ ଭିତରେ ସିଟ୍ ସେୟାରିଂ ଫର୍ମୁଲା ସହ ସବୁ ଦଳ ରାଜି ହେଇଥିବା ନେଇ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ, ବିହାରରେ ଏଥର ବିଜେପି ମୋଟ ୧୭ଟି ଲୋକସଭା ଆସନରେ ନିଜର ପ୍ରାର୍ଥୀ ଦେବ । ସେହିପରି ଜେଡିୟୁ ୧୬ଟି ଆସନରେ ଲୋକସଭା ନିର୍ବାଚନ ଲଢିବ । ତା ସହ ଚିରାଗ ପାସୱାନଙ୍କ ଦଳ ୫ଟି, ଜିତନ ରାମ ମାଞ୍ଝୀଙ୍କ ହାମ ଓ ଉପେନ୍ଦ୍ର କୁଶବାହାଙ୍କ ଦଳ ଗୋଟିଏ ଲେଖାଏଁ ଆସନରେ ନିଜର ପ୍ରାର୍ଥୀ ଦେବେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପଶୁପତି ପାରସଙ୍କ ଲୋକ ଜନଶକ୍ତି ପାର୍ଟିକୁ ଗୋଟିଏ ବି ସିଟ୍ ଦିଆଯାଇନି । କାହିଁକି ନା, କିଛି ଦିନ ତଳେ ସେ ମେଣ୍ଟ ଛାଡିବା ନେଇ ସଙ୍କେତ ଦେଇଥିଲେ, ଆଉ ତାଙ୍କ ପାଖରେ ବିକଳ୍ପ ଖୋଲା ଅଛି ବୋଲି କହିଥିଲେ । ତେଣୁ ଏହାକୁ ଦୃଷ୍ଟିରେ ରଖି ପଶୁପତି ପାରସଙ୍କ ଦଳକୁ ଗୋଟିଏ ବି ସିଟ୍ ଦେଇନି ଏନଡିଏ । ଚିରାଗ ପାସୱାନଙ୍କ ଦଳର

# ବେଙ୍ଗଲ ଡିଜିପି ଓ ୬ ରାଜ୍ୟର ଗୃହ ସଚିବଙ୍କୁ ହଟାଇବାକୁ ଇସିଙ୍କ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୧୮/୩ : ଲୋକସଭା ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍‌ରେ ନିର୍ବାଚନ ଆୟୋଗ। ବିଦା ହେଲେ ୬ ରାଜ୍ୟର ଗୃହ ସଚିବ। ନିର୍ବାଚନ ଆୟୋଗ ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ଗୃହ ସଚିବଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଶ୍ଚିମବଙ୍ଗ ଡିଜିପିଙ୍କୁ ମଧ୍ୟ ହଟାଇବାକୁ କୁହାଯାଇଛି। କେବଳ ସେତିକି ନୁହେଁ ମିଜୋରାମ ଓ ହିମାଚଳ ପ୍ରଦେଶର ପ୍ରଶାସନିକ ବିଭାଗର ସଚିବଙ୍କୁ ମଧ୍ୟ ହଟାଇ ଦିଆଯାଇଛି। ନିର୍ବାଚନ ଆୟୋଗ ବୃହାନମୁମ୍ବାଇ ନଗର ନିଗମର କମିଶନର ଇକବାଲ ଚହଲ ଓ ଅତିରିକ୍ତ କମିଶନର ଏବଂ ଡେପୁଟି କମିଶନରଙ୍କୁ ମଧ୍ୟ ହଟାଇ ଦେଇଛନ୍ତି। କେବଳ ସେତିକି ନୁହେଁ ମିଜୋରାମ ଓ ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ତୁଲଉଥିବା ଜିଏଡି ସଚିବଙ୍କୁ ମଧ୍ୟ ବିଦା କରାଯାଇଛି। ମୁକ୍ତ, ଅବଧା ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ଏଭଳି ପଦକ୍ଷେପ ନେଇଛନ୍ତି। କହିରଖୁ ଯେ, ପଶ୍ଚିମବଙ୍ଗ ଡିଜିନିଙ୍କୁ ୨୦୧୬ ବିଧାନସଭା ନିର୍ବାଚନ ଓ ୨୦୧୯ ଲୋକସଭା ନିର୍ବାଚନ ବେଳେ ମଧ୍ୟ ଡ୍ୟୁଟିରୁ ହଟାଇ ଦିଆଯାଇଥିଲା। ସାରା ଦେଶରେ ନିର୍ବାଚନ ବିଗୁଲ ବାଜି ସାରିଛି। ଦେଶରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଜୁନ୍ ୪ ତାରିଖରେ ଫଳାଫଳ ଆସିବ। ସାରା ଦେଶରେ ୪୩ ଦିନ ଯାଏ ନିର୍ବାଚନ ପ୍ରକ୍ରିୟା ଚାଲିବ। ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ହେବ।

# ନାଗରିକ କମିଟିର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର , ୧୮/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ନାଗରିକ କଲ୍ୟାଣ ମହାସଂଘ ତରଫରୁ ଏକ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ସାଇଟ କଲେଜ, ପଲ୍ଲିଶ୍ରୀ ବିହାର, ସଦାଇପାଲି ଠାରେ ଅନୁଷ୍ଠିତ ହୋଇଥିଲା । ସଭାପତି ପ୍ରଭାକର ମିଶ୍ର, କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ଉପ-ସଭାପତି ବ୍ରଜ କିଶୋର ପଣ୍ଡା, ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ଓ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ମଂଚାସିନ ଥିଲେ । ସ୍ୱାଗତ ଭାଷଣ, ଅତିଥିଙ୍କୁ ମଂଚକୁ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ ଉପ-ସଭାପତି ବ୍ରଜ କିଶୋର ପଣ୍ଡା । ପ୍ରଭାକର ମିଶ୍ରଙ୍କ ଅଧକ୍ଷତାରେ ସଭ ପରିଚାଳନା ହୋଇଥିଲା । ସଭାପତି ପ୍ରଭାକର ମିଶ୍ର କମିଟିର ଆଭିମୁଖ୍ୟ ତଥା ନବ ନିର୍ବାଚିତ ନାଗରିକ କମିଟିର କର୍ମକର୍ତ୍ତା, ନିର୍ବାଚନ କମିଟିର ନିର୍ବାଚନ ଅଧିକାରୀ, ଉପ-ଅଧିକାରୀଦ୍ୱୟଙ୍କୁ ଓ ସରକାରୀ ଟାଉନ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା କରିବା ବିଷୟରେ ଗୃହରେ ଉପସ୍ଥାପନ କରିଥିଲେ । ନିର୍ବାଚନ ଅଧିକାରୀ ଙ୍କ ସ୍ୱଚ୍ଛ ନିର୍ମଳ ତଥା ନିୟମକାନୁନ କୁ ପାଳନ କରି ବିବାଦସୂନ୍ୟ ଭାବରେ ନିର୍ବାଚନ କରିଥିବାରୁ ପ୍ରଶଂସା କରାଯାଇଥିଲା । ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ ମହାସଂଘ ଗଠନ ତଥା ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ତଥା ଆଗାମୀ ଦିନରେ ସମସ୍ତଙ୍କୁ ମହାସଂଘ ସହଯୋଗ କରିବ ଓ ସମସ୍ତ ସଂଗଠନମାନଙ୍କର ସହଯୋଗ ନେଇ ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିବ ବୋଲି ପ୍ରକାଶ କରିଥିଲେ । ନାଗରିକ କମିଟିର ସଭାପତି ତଥା ସାଇଟ କଲେଜ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ନାଗରିକ କମିଟି କେବଳ ଯେ ବଲାଙ୍ଗିର ସହରାଂଚଳ ନୁହେଁ ବରଂ ସମଗ୍ର ବଲାଙ୍ଗିର ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିବା ସକାଶେ ବଦ୍ଧ ପରିକର । ଏତଦ୍ ବ୍ୟତିତ ରାଜ୍ୟ ସରକାରଙ୍କ ୧୮୬୦ ମସିହା ପଞ୍ଜିକରଣ ଆଇନ ତଥା ୨୦୨୧ ଓ ୨୦୨୩ ମସିହା ସଂଶୋଧନ ନିୟମ ଅନୁସାରେ ସଂଗଠନ ଗୁଡିକ କିପରି ଭାବରେ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ପାଖରେ ନବୀକରଣ କରିପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ପରାମର୍ଶ ଉପସ୍ଥାପନ କରିଥିଲେ । ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ନାଗରିକ କମିଟିର କର୍ମକର୍ତ୍ତାଙ୍କ ଉପରେ ଜିଲ୍ଲାର ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ଅଛି ତଥା ଆଗାମୀ ଦିନରେ ଜନସାଧାରଣଙ୍କର ଭାବାବେଗକୁ ବିଚାରକୁ ନେଇ ଜିଲ୍ଲାର ଉନ୍ନତି ସାଧନ କରିବା ପାଇଁ ଅନୁରୋଧ କରିଥିଲେ । ଆଜିର ସମ୍ବର୍ଦ୍ଧନା ସମାରୋହରେ ଏଡଭୋକେଟ ତଥା ନିର୍ବାଚନ ଅଧିକାରୀ ଅଶୋକ କୁମାର ମିଶ୍ର, ନିର୍ବାଚନ ଉପ-ଅଧିକାରୀଦ୍ୱୟ ଗୋବିନ୍ଦ ମିଶ୍ର ଓ ନରେନ୍ଦ୍ର କବାଟ ସରକାରୀ ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, ସାଧାରଣ ସଂପାଦକ ମଧୁସୂଦନ ନାୟକ, ଯୁଗ୍ମ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, କୋଷାଧ୍ୟକ୍ଷ ଗଜେନ୍ଦ୍ର ତ୍ରିଭୁବନଦାଶ ଭମର, କାର୍ଯ୍ୟକାରି କମିଟି ସଦସ୍ୟ - ଶରତ ମହାକୁର, ପ୍ରଦୀପ ସାହୁ, ଋତୁରାଜ ସିଂ, ବିନୟ ମିଶ୍ର, ପ୍ରଫେସର ତରୁଣ ମିଶ୍ର, ଗୌର ଚନ୍ଦ୍ର ପୁରୋହିତ, ଗୋପବନ୍ଧୁ ପୁରୋହିତ, ଡା. ପ୍ରମୋଦ ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖଙ୍କୁ ମେମେଂଟୋ ତଥା ଉପଢୌକନ ଦେଇ ମହାସଂଘର କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି ସଭାରେ ନାଗରିକ କମିଟିର ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର, ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡିଶାର ସର୍ବବୃହତ ଶିକ୍ଷକ ସଂଗଠନ ଓଷ୍ଟାର ପୂର୍ବତନ ସଭାପତି ପୁରନ୍ଦର ଦାଶ, ବରିଷ୍ଠ ସଂଗଠକ ଭଗବାନ ବଗର୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡଭୋକେଟ ତଥା ଜିଲ୍ଲା କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା, ଅଘରିଆ ସମାଜର ସଂପାଦକ ଦିଗାମ୍ବର ନାଏକ, ସୁଧାଂଶୁ ଶେଖର ବାବୁ, ବରିଷ୍ଠ ନାଗରିକ ମଂଚ ସଭାପତି ନାରାୟଣ ପାଢି ଓ ସାଇଟ ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ।

# ଯାତାୟାତ ପଥ ବନ୍ଦ ଉଦ୍ୟମ: ଗ୍ରାମରେ ଅସନ୍ତୋଷ

ଚମ୍ପୁଆ, ୧୮/୩ (ନି.ପ୍ର): ଯାତାୟତରେ ସୁବିଧା ପାଇଁ ପ୍ରଶାସନ ତରଫରୁ ଯୋଜନା ଉପରେ ଯୋଜନା ହାତକୁ ନେଉଥିବା ବେଳେ ପ୍ରଶାସନର ଅବହେଳା ପାଇଁ ଅନେକ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ଟିଆଁଶିପଶି ଠାରୁ ନିଶାଗଡ଼ିଆ ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ଗତ ଦୁଇ ବର୍ଷ ତଳେ ନିର୍ମାଣ କରାଯାଇଛି। ଏହି ରାସ୍ତାର ଦୈର୍ଘ୍ୟ ୯ କିଲୋମିଟର ରୁ ଅଧିକ ହୋଇ ଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବେସରକାରୀ ଜମି ପ୍ରତିବନ୍ଧକ ସାଜି ଥିବା ଜଣା ପଡିଛି । ଏହି ରାସ୍ତା ଉପରେ ଘୁଣ୍ଟଗଡ଼ିଆ ଠାରୁ ମଉଦି ଗ୍ରାମ ପର୍ଯ୍ୟନ୍ତ ହାରାହାରି ୧୦୦ ମିଟର ପର୍ଯ୍ୟନ୍ତ ଆଂଶିକ ଜମି ବେସରକାରୀ ରହିଛି । ଫଳରେ ଏହି ଜମିର ସମସ୍ୟା ସମାଧାନ ହୋଇ ପାରୁ ନ ଥିବାରୁ ରାସ୍ତା କାମ ଅଧପାନ୍ତରିଆ ଭାବେ ପଡି ରହିଛି। ଏହି ରାସ୍ତାଟି ମୁଖ୍ୟତଃ ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ନିଶାଗଡିଆ, ସୁନାପଶି ଓ ମଉଦି ପ୍ରମୁଖ ଗ୍ରାମର ଗ୍ରାମବାସୀ ଚିକିତ୍ସା ପାଇଁ ଭଣ୍ଡା ଡାକ୍ତରଖାନା କୁ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣା ପଡିଛି। ଏହି ରାସ୍ତା ଉପରେ ପଡୁ ଥିବା ବେସରକାରୀ ଜମି ଦେଇ ବର୍ଷା ଦିନରେ ବହୁ କଷ୍ଟରେ ଯିବା ଆସିବା କରୁଥିବା ବେଳେ ଆଜି ଉକ୍ତ ଜମିର ମାଲିକ ଏକ ଜେସିପି ନେଇ ରାସ୍ତା ଟିକୁ ଖୋଳି ଦେଇ ଥିବାରୁ ଉକ୍ତ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି । ଅନ୍ୟପଟେ ଏହି ରାସ୍ତାକୁ ଖୋଳା ଯାଉଥିବାର ଦେଖି ମଉଦି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ସରପଞ୍ଚ ମନୋଜ ନାଏକଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ପ୍ରତିବାଦ କରିବା ସହ ମାଟି ଖୋଳାକୁ ବନ୍ଦ କରିଥିବା ଜଣା ପଡ଼ିଛି । ଏହି ରାସ୍ତା ଟି ମୁଖ୍ୟତଃ ମଉଦି ଗ୍ରାମ ବାସୀଙ୍କ ମୁଖ୍ୟ ଦ୍ୱାର ହୋଇ ଥିବା ବେଳେ ଏହାକୁ ଖୋଳି ଦେଇଥିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# ଶିକ୍ଷୟତ୍ରୀଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା

ଘଟଗାଁ , ୧୮/୩ (ନି.ପ୍ର): ଶିକ୍ଷୟତ୍ରୀ କାବିତା ସାହୁ ଏକ ଧାରାରେ ଜଣେ ପ୍ରତିବଦ୍ଧତା ସଂପନ୍ନ ଶିକ୍ଷୟତ୍ରୀ ଓ ଉତ୍ତମ ଗୃହିଣୀ ଥିଲେ । ତାଙ୍କର ଆଦର୍ଶବୋଧ ଯୁବପିଢୀ ମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମଞ୍ଚାସିନ ଅତିଥି ମାନେ ମତ ପୋଷଣ କରିଛନ୍ତି । ଆନନ୍ଦପୁର ପୌର ପରିଷଦ ପଦ୍ମପୁର ସ୍ଥିତ ବାସ ଭବନରେ ଆୟୋଜିତ ସଭାକୁ ବରିଷ୍ଠ ଶିକ୍ଷକ ତଥା କବି ନରହରି ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମାକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଗୋଷ୍ଠି ଶିକ୍ଷା ଅଧିକାରୀ ଶରତ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ପୌରାଧାକ୍ଷ ଦୁର୍ଗାଚରଣ ଦଳେଇ ପ୍ରମୁଖ ଯୋଗଦେଇ କବିତା ସାହୁ ଙ୍କ ଗୁଣାବଳୀ ଉପରେ ଆଲୋକ ପାତ କରିଥିଲେ ।ଏହି ଅବସରରେ ଶିକ୍ଷକ ଜିତେନ୍ ଦାସ, ପୂର୍ଣ୍ଣଚନ୍ଦ୍ର ମଲିକ, ଅଯୋଧ୍ୟା ଘଢେଇ ,ସୁଦୟା ପ୍ରସାଦ ପ୍ରଭାତ ରଞ୍ଜନ ପାଢୀଙ୍କୁ ମାନପତ୍ର ଓଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ସାହିତ୍ୟିକ ରତ୍ନାକର ଦାସ ଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥିମାନଙ୍କୁ ମଧ ସ୍ୱର୍ଗତ ସାହୁଙ୍କ ପରିବାର ସଦସ୍ୟେ କଉନ ବିହାରୀ ସାହୁ, ପ୍ରଦୀପ କୁମାର ସାହୁ ସନ୍ଦିପ କୁମାର ସାହୁ, ଅନୁପ କୁମାର ସାହୁ ଉତ୍ତରୀୟ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟତ୍ରୀ ଉଗବତୀ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗିର ଜଗନ୍ନାଥପଡା ରାମଲୀଳା ପାଇଁ ପ୍ରସ୍ତୁତି

ବଲାଙ୍ଗିର, ୧୮/୩ (ନି.ପ୍ର): ମଙ୍ଗଳବାର ଦିନ ଠାରୁ ରାମଜୀପଡା ରଘୁନାଥ ମନ୍ଦିର ଆଜ୍ଞାମାଳ ଆଣି ରାମଲିଲା ରିଏଲସିଏଲ ହେବ । ବଲାଙ୍ଗିର ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଏ ବର୍ଷ ପୁଣି ରାମଲୀଳା ନାଟକୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଦାଶିବ ରଚିତ ରାମଲିଳା ନାଟକ ବଛା ବଛା ଆଂଚଳିକ କଳାକାରଙ୍କୁ ନେଇ ପରିବେଷଣ କରାଯିବା ସଭାରେ ସର୍ବ ପ୍ରଥମେ ପ୍ରଭୁ ଶ୍ରୀ ରାମଙ୍କ ପ୍ରାର୍ଥନା ହୋଇଥିବା । ଏହା ପରେ ଗୁରୁ ବାଳମୁକୁନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପୁଣି ଥରେ କିପରି ରାମଲିଳା ନାଟକ ଲୋକପ୍ରିୟ ତଥା ସଫଳ ହୋଇ ପାରିବ ସେ ଦିଗରେ ଆଲୋଚନା ହୋଇଥିଲା । କଳାକାର ଚୟନ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ ଆଲୋଚନା ହୋଇଥିଲା । ସଭାରେ ସମସ୍ତ ସଭ୍ୟ ନିଜ ନିଜ ଅନୁଭୂତି ତଥା ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ଡା. ରୁଦ୍ରନାରାୟଣ ପଟେଲ ନାଟ୍ୟ ସଂସଦକୁ କିପରି ଲୋକାଭିମୁଖୀ କରାଯିବା ସହ ବଲାଙ୍ଗିର ଜିଲ୍ଲାକୁ ଏକ ଐତିହ୍ୟ ତଥା ପୌରାଣିକ ସହର ରୂପେ ପରିଣତ କରାଯାଇ ପାରିବ ସେଥି ପ୍ରତି ସମସ୍ତଙ୍କର ଧାନ ଆକର୍ଷଣ କରିଥିଲେ । ପରେ ପରେ କଳାକାର ଚୟନ ମାଉସୀ ମା' ମନ୍ଦିର ରେ କଳାକାର ଚୟନ କରାଯାଇଥିଲା । ବାସୁଦେବ ବେହେର, ସୁଶାନ୍ତ ଚୋପଦାର, ମନୋରଂଜନ ରାଉତ, ସୁବାଷ ସାଏ ମଂଚାସିନ ହୋଇଥିବା ବେଳେ ଶୈଳେନ କୁମାର ବାବୁ, ମାନସ ରଂଜନ ସାହୁ, ଆନନ୍ଦ ମିଶ୍ର, କୁମୁଦ ନାଏକ, ଅରୁଣ କୁମର ରାଉତ, ଚୈତନ୍ୟ ମଟାରି, ଘୁଣ୍ଟୁଗୋପାଳ ମିଶ୍ର, ସଂଜିବ ସାହାଣି, ମନୋରଂଜନ ବେହେରା, ସଂଗ୍ରାମ ନାଏକ, ଶ୍ୟାମ ସୁନ୍ଦର ସାଏ, ଘନଶ୍ୟାମ ସାଏ, ଜୟନ୍ତ ନାଏକ, ଅଶ୍ୱିନୀ ନାଏକ, ରାମକୃଷ୍ଣ ପଟେଲ, ସମରେନ୍ଦ୍ର ପଟେଲ, ଜିତେନନ୍ଦ୍ର ବଢିଆ, ସୁବ୍ରତ ପଟ୍ଟନାୟକ, ସତ୍ୟ ନାରାୟଣ ମାଝି, ପୁରୁଷୋତ୍ତମ ଦେବତା, ରାମଚନ୍ଦ୍ର ନାଏକ, ଆଦି ।ସହୁ, ସଚ୍ଚିକାନ୍ତ ମିଶ୍ର, କୁଳମଣି ପଟେଲ ଉପସ୍ଥିତ ଥିଲେ । ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପି ଏବଂ ବିଜେଡ଼ି ସରକାର ଶ୍ରମିକ କର୍ମଚାରୀ ବିରୋଧି

ଭୁବନେଶ୍ୱର, ୧୮/୩ (ନି.ପ୍ର): ବିଜେଡ଼ି ଓ ବିଜେପି ଦଳ ଓ ସରକାର ଶ୍ରମିକ କର୍ମଚାରୀ ବିରୋଧି। ପୁଞ୍ଜିବିନିଯୋଗ ନାମରେ ଶ୍ରମିକ କର୍ମଚାରୀ କଂଗ୍ରେସ ଦଳ ସମୟରେ ମିଳିଥିବା ଅଧିକାରକୁ ଛିନ୍ନ କରି ବିଦେଶି ପୁଞ୍ଜିପତିମାନଙ୍କୁ ସାହାଯ୍ୟ କରୁଛନ୍ତି। ସାରା ଦେଶରେ ରାହୁଲ ଗାନ୍ଧୀ କଂଗ୍ରେସ ନେତା ପ୍ରଥମେ କାଶ୍ମିରୀ ରୁ କନ୍ୟାକୁମାରୀ ପଦଯାତ୍ରା ଓ ମଣିପୁର ଠାରୁ ମୁମ୍ବାଇ ଭାରତ ଯୋଡ଼ ନ୍ୟାୟ ଯାତ୍ରା କରି ଶ୍ରମିକ, କୃଷକ, ଯୁବକ ମହିଳା ଓ ଦଳୀତ ମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ ଜାରି ରଖିଛନ୍ତି। ଏହି ଭାରତ ଯୋଡ଼ ନ୍ୟାୟ ଯାତ୍ରା ଆଜି ମୁମ୍ବାଇ ଠାରେ ସଂପୂର୍ଣ୍ଣ ହେବ। ସଂଯୁକ୍ତ କୃଷକ ଓ ଶ୍ରମିକ ମାନଙ୍କର ୧୪ ଦଫା ଦାବୀକୁ ଦୃଢ଼ ସମର୍ଥନ କରିଥିବାରୁ ସମସ୍ତ କେନ୍ଦ୍ର ଶ୍ରମିକ ସଂଗଠନ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାରା ଭାରତରେ ୩.୪୯ ଲକ୍ଷ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୨୨ ଲକ୍ଷ ୬୦ ସଭ୍ୟଙ୍କର ଆସ୍ଥା ଭାଜନ ହୋଇପାରିଛନ୍ତି। ଏଣୁ ଆଗାମୀ ନିର୍ବାଚନରେ ଶ୍ରମିକ କର୍ମଚାରୀ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାହୁଲ ଗାନ୍ଧୀ ଏବଂ ଖାର୍ଗେଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ସମର୍ଥନ କରିବ ଏବଂ ଓଡ଼ିଶାରେ ବିଜେଡ଼ି ଓ ବିଜେପି ବିରୁଦ୍ଧରେ ସମସ୍ତ ଶ୍ରମିକ କର୍ମଚାରୀ ଭୋଟ ଦେବେ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ ସୂଚନା ଦେଇଛନ୍ତି। କଂଗ୍ରେସ ସରକାର ସମୟରେ ୪୪ ଟି ଶ୍ରମ ଆଇନ ହୋଇଥିଲା ଏବଂ ଠିକା ଶ୍ରମିକ ଆଇନ, ସର୍ବନିମ୍ନ ଆଇନ, ଦାଦନ ଶ୍ରମିକ, ଶିଶୁ ଶ୍ରମିକ ଆଇନ କାର୍ଯ୍ୟସ୍ଥଳରେ ଯୌନ ଅତ୍ୟାଚର ବିରୁଦ୍ଧ ଆଇନ ଖାଦ୍ୟ ନିରାପତା ଆଇନ, ସୂଚନା ଅଧିକାର ଓ ପଂଚାୟତରାଜ ଅଧିକାର ଆଇନ ହୋଇଥିଲା। ଯଦି ବିଜେପି ସରକାର ଶ୍ରମିକ କର୍ମଚାରୀ ଦଳୀତ ବର୍ଗଙ୍କ ପାଇଁ ଭାରତ ବର୍ଷର ସମ୍ବିଧାନ ସଂଶୋଧନ ପ୍ରଣୟନ କରି ସମାନ ମଜୁରୀ, ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା, ୨୫ ଲକ୍ଷ ଟଙ୍କାର ବୀମା ଚିକିତ୍ସା ଓ ସାମାଜିକ ସୁରକ୍ଷା ଅଧିକାର ଦେବା ପାଇଁ ସମ୍ବିଧାନ ସଂଶୋଧନ କରିବା ପାଇଁ ଆମେ ଦାବୀ କରୁଛୁ ଏବଂ ବିଜେପି ଓ ବିଜେଡ଼ି ଉଭୟ ଶ୍ରମିକ କର୍ମଚାରୀଙ୍କ ଅଧିକାରକୁ ଛିନ୍ନ କରିଥିବାରୁ ତାଙ୍କ ବିରୁଦ୍ଧରେ ଭୋଟ ଦେବା ପାଇଁ ଏବଂ କଂଗ୍ରେସକୁ ଭୋଟ ଦେବା ପାଇଁ ଆମେ ଅନୁରୋଧ କରୁଛୁ। କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଖୋ ଖୋ ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ପ୍ରତିଯୋଗିତାରେ ଓଡିଶା ବିଜୟୀ

ପୁରୀ, ୧୮/୩ (ନି.ପ୍ର): ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ଖୋ ଖୋ ମ୍ୟାଚରେ ଓଡିଶା ବିଜୟୀ ହୋଇଛି। ତାଳବଣିଆ ଷ୍ଟାଡିୟମ ଠାରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଓଡିଶା ପୁରୁଷ ଓ ମହିଳା ଖୋ ଖୋ ଦଳ ସହ ପଶ୍ଚିମବଙ୍ଗ ଖୋ ଖୋ ଦଳର ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ ଦୁଇଟି ଯାକ ମ୍ୟାଚରେ ଓଡିଶା ଖୋ ଖୋ ଦଳ ବିଜୟୀ ହୋଇଥିଲା। ଏଥିରେ ଓଡିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, କ୍ରୀଡା ଛାତ୍ରାବାସର ପ୍ରଶିକ୍ଷକ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, କୋଚ ସଞ୍ଜୀବ ଶର୍ମା, ଆକାଶ ରଣା ପଶ୍ଚିମବଙ୍ଗ ଦଳର କୋଚ, ମ୍ୟାନେଜର ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ମ୍ୟାଚ ମଧ୍ୟରୁ ଶ୍ରେଷ୍ଠ କ୍ରୀଡାବିତଙ୍କୁ ଚିହ୍ନଟ କରାଯିବ ଓ ଚଳିତ ମାସ ୨୮ ରୁ ଅପ୍ରେଲ ୧ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବ।

# ତୃତୀୟପକ୍ଷ ଠିକାଦାରଙ୍କ ଜୁଲମକୁ ବିରୋଧ କରି ବନ୍ଧା ହେଲେ ୬ ଏଆରଟେଲ ଟେକନିସିଆନ

କେନ୍ଦ୍ରାପଡ଼ା, ୧୮/୩ (ନି.ପ୍ର): ତୃତୀୟପକ୍ଷ ଠିକାଦାରଙ୍କ ଜୁଲମ ବିରୋଧରେ ଏଆରଟେଲ ଅଧିନରେ ନିଯୁକ୍ତିପ୍ରାପ୍ତ ଟେକନିସିଆନମାନେ ଗତ ୪ତାରିଖରେ କେନ୍ଦ୍ରାପଡା ସଦର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରିଥିଲେ। ଫଳରେ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ନାମକ ଏକ ତୃତୀୟ ପକ୍ଷ ଠିକାଦର ବିକାଶ ଚନ୍ଦ୍ର ନାୟକ ନାମକ ଜନୈକ ଟେକନିସିଆନଙ୍କ ବିରୋଧରେ କେନ୍ଦ୍ରାପଡା ସଦର ଥାନାରେ ଦେଇଥିବା ମିଥ୍ୟା ଅଭିଯୋଗ ଉପରେ ନିଖିଳ ଓଡିଶା ଭାରତୀ ଇନଫ୍ରାଟେଲ କ_ାକଟୁଆଲ ଟେକନିସିଆନସ ୟୁନିଅନ ପକ୍ଷରୁ ବିକ୍ଷୋଭ ପ୍ରତିବାଦ ଯୋଗୁଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। କିନ୍ତୁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନିକିରାଇ ଥାନାରେ ନହଙ୍ଗସ୍ଥିତ ଏଆରଟେଲ ଟାୱାରରେ ତାର ଓ କେବୁଲ କଟାଯିବା ସହ ନିଆଁ ଲଗେଇ ଦେଇଥିବା ନେଇ ୬ଜଣ ଟେକନିସିଆନଙ୍କ ବିରୋଧରେ ଏକ ଅଭିଯୋଗ ଗତ ୧୪ତାରିଖରେ କରାଯାଇଥିଲା। ନିକିରାଇ ଥାନା ପକ୍ଷରୁ ସେହିଦିନ ଥାନା କେଶ ନମ୍ବର ୭୧/୨୦୨୪ରେ ଆଇପିସିର ୪୩୫,୪୪୭,୪୨୭ ଓ ୩୪ଦଫାରେ ଏବଂ ଭାରତୀୟ ଟେଲିଗ୍ରାଫ ଆଇନର ୨୫ଦଫାରେ ଏକ ମାମଲା ରୁଜୁ କରାଯିବା ସହ ଭଦ୍ରକ ତୁରିବଣିଆର ପ୍ରକାଶ ଚନ୍ଦ୍ର ନାୟକ, ନୟାଗଡର ମାନସ କୁମାର ରାଉତ, ନିକିରାଇର ନିହାରରଞ୍ଜନ ପାତ୍ର, ରାମନଗରର ରତିକାନ୍ତ ସାନ୍ତରା ଓ ଗୁରୁପଦ ସାନ୍ତରା ଏବଂ ସେରପୁରର ଚିନ୍ମୟ କୁମାର ମଲ୍ଲିକଙ୍କୁ ଶୁକ୍ରବାର ଗିରଫ କରି ଥାନାରେ ଅଟକ ରଖିଥିଲା। ଆଜି ସେହି ୬ଜଣଙ୍କୁ କୋର୍ଟ ଚା;ଲାଣ କରାଯାଇଥରବା ନିକିରାଇ ଥାନା ଅଧିକାରୀ ଜୋତିର୍ମୟୀ ସେଠୀ ସୂଚନା ଦେଇଛନ୍ତି। ସଙ୍ଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ବିଭିନ୍ନ ଥାନାରେ ସଂପୃକ୍ତ ସଂସ୍ଥା ପକ୍ଷରୁ ଏଭଳି ମିଥ୍ୟା ଅଭିଯୋଗ କରାଯାଇଥିଲେବି ଆଜି ସୁଦ୍ଧା କୌଣସି ଥାନା ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଳେ ନିକିରାଇ ଥାନା ରାଜ୍ୟର ପ୍ରଥମ ଥାନା ଭାବେ ବିନା ତଦନ୍ତରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଘଟଣା ଅନୁଯାୟୀ ଏଆରଟେଲ କମ୍ପାନୀ ଅଧିନରେ ନିଯୁକ୍ତି ପାଇ ପରବର୍ତୀ ସମୟରେ ଇଣ୍ଡସ ଟାୱାର ଲିମିଟେଡ(ପୂର୍ବରୁ ଭାରତୀ ଇନଫ୍ରାଟେଲ ଲିମିଟେଡ) ଅଧିନରେ ଅଧୁନା କାର୍ଯ୍ୟରତ ଟେକନିସିଆନମାନଙ୍କ ସହ କୌଣସି ଆଲୋଚନା ନକରି ସେମାନଙ୍କୁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ଏବଂ ନରୁଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ ଭଳି ତୃତୀୟ ପକ୍ଷ ଠିକା ସଂସ୍ଥା ଅଧିନରେ ଜୋର ଜବରଦସ୍ତ କାମ କରିବାକୁ ବାଧ କରୁଥିବାରୁ ନିଖିଳ ଓଡିଶା ଭାରତୀ ଇନଫ୍ରାଟେଲ କ_ାକଟୁଆଲ ଟେକନିସିଆନସ ୟୁନିଅନ ପକ୍ଷରୁ ଏଭଳି ବେଆଇନ କାର୍ଯ୍ୟର ବିରୋଧରେ ସାରା ରାଜ୍ୟରେ ପ୍ରତିବାଦ କରାଯାଉଛି । କେନ୍ଦ୍ରାପଡା ଜିଲ୍ଲାର ଦାୟୀତ୍ୱ ଇଣ୍ଡସ ଟାୱାର ଲିମିଟେଡ ପକ୍ଷରୁ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିବା ସଂପୃକ୍ତ ସଂସ୍ଥା ଦାବି କରି କେନ୍ଦ୍ରାପଡା ଜିଲ୍ଲାର କେତେକ ଏଆରଟେଲ ଟାୱାରର ତାଲା ଜୋର ଜବରଦସ୍ତି ଭାଙ୍ଗି ନୂତନ ତାଲା ପକାଇବା ସହ ସଂପୃକ୍ତ ଅଳର ଟେକନିସିଆନଙ୍କୁ ଏହି କମ୍ପାନୀରେ ଯୋଗଦାନ କରିବାକୁ ଧମକାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଟେକନିସିଆନମାନେ ଏଭଳି ବେଆଇନ କାର୍ଯ୍ୟର ବିରୋଧ କରିବାରୁ ସେମାନଙ୍କୁ ଜବତ କରିବା ଉଦ୍ଦେଶ୍ୟରେ ପ୍ରତାପ ଟେକ୍ନୋକ୍ରାଟ ପ୍ରାଇଭେଟ ଲିମିଟେଡ ପକ୍ଷରୁ କେନ୍ଦ୍ରାପଡାର ବିଭିନ୍ନ ଥାନାରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ସଙ୍ଘ ଅଭିଯୋଗ କରିଛି। ଗତ ୪ତାରିଖରେ ସଦରଥାନାରେ ଏଭଳି ମିଥ୍ୟା ଅଭିଯୋଗ ପରେ ଥାନା ପକ୍ଷରୁ ଟେକନିସିଆନ ଶ୍ରୀ ନାୟକଙ୍କୁ ଥାନାକୁ ଡକାଯାଇଥିଲା। କିନ୍ତୁ ନିଖିଳ ଓଡିଶା ଭାରତୀ ଇନଫ୍ରାଟେଲ କଂଟ୍ରାକଟୁଆଲ ଟେକନିସିଆନସ ୟୁନିଅନ ପକ୍ଷରୁ ଏହାର ପ୍ରବଳ ବିରୋଧ କରାଯାଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରାଯିବାରେ ଥାନା ସେହି ମିଥ୍ୟା ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା ବୋଲି ସଙ୍ଘ କହିଛି। ସେହିଦିନ ୟୁନିଅନ ପକ୍ଷରୁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ସଂପୃକ୍ତ ତୃତୀୟପକ୍ଷ ଠିକାସଂସ୍ଥା ବିରୋଧରେ ଏକ ୧୧ଦଫା ସମ୍ବଳିତ ଅଭିଯୋଗ ମଧ ପ୍ରଦାନ କରାଯାଇଥିବା ୟୁନିଅନର ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ବୁଗୁରୁ ତ୍ରିନାଥ, ଜୋନାଲ ସଭାପତି ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ସୂଚନା ଦେଇଥିଲେ। ନିକିରାଇ ଥାନାର ଏଭଳି ବେଆଇନ ଗିରଫ ପ୍ରତିବାଦରେ ସଙ୍ଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଆଇଟିୟୁସି ରାଜ୍ୟ କମିଟି ସଭ୍ୟ ଅଶୋକ ସାହୁ, ଶ୍ରମିକନେତା ରମଣୀରଞ୍ଜନ ରାଉତରାୟ, ବିଧୁଭୂଷଣ ମହାପାତ୍ର, ଆଲୋକ ମହାନ୍ତି, ମାନସ ରାଉତ, ସୁବ୍ରତ ଜେନା, କିଶୋର ରାଉତ, ରମେଶ ଚନ୍ଦ୍ର ସାହୁ, ରାକେଶ ଓଝା, ବସନ୍ତ ସାହୁ, ସନ୍ତୋଷ ମହାପାତ୍ର, ଭବାନିଶଙ୍କର ନାୟକ, ଧନଞ୍ଜୟ ବାରିକ, ପ୍ରଦୀପ ରାଉତ, ରାଜୀବ ରାଉତ, ଶ୍ରୀକାନ୍ତ ଜେନା, ଦୀପକ ମହାପାତ୍ର ପ୍ରମୁଖ ଟେକନିସିଆନମାନେ କହିଛନ୍ତି।

# ଜ୍ୟୋତିବିହାରରେ ପଦାର୍ଥ ବିଜ୍ଞାନୀଙ୍କ ଜାତୀୟ ସମ୍ମିଳନୀ

ସମ୍ବଲପୁର, ୧୮/୩ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସାମ୍ପ୍ରତିକ ବିକାଶ - ଆର୍‌ଡିଏଫ୍‌ପି - ୨୦୨୪ ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଆଇଆଇଟି, ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନରୁ ୧୮୦ ଜଣ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀକୁ ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ଉଦ୍‌ଘାଟନ କରି କହିଲେ ଯେ, ବ୍ରହ୍ମାଣ୍ଡର ଗଠନ ଏବଂ ସମାଜରେ ଆଧୁନିକ ବୈଷୟିକ ଜ୍ଞାନର ଗୁରୁତ୍ୱ ଉପରେ ପଦାର୍ଥ ବିଜ୍ଞାନର ମହ ର ଭୂମିକା ରହିଛି। ପିଜି କାଉନ୍‌ସିଲ ଅଧ୍ୟକ୍ଷା ସଂଯୁକ୍ତା ଦାଶ ବୈଜ୍ଞାନିକ ଜ୍ଞାନ କୌଶଳ ଆଧାରିତ ସମୀକ୍ଷା ଜରିଆରେ ଅର୍ଥନୀତିକ ଦିଗ ପାଇଁ ପଦାର୍ଥ ବିଜ୍ଞାନୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ ସମ୍ମାନିତ ଅତିଥି, ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ କରୁଣାକର ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମିଳନୀ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଗଠନ ସମ୍ପାଦକ ଦିବାକର ସାହୁ, ରାଜୀବ ପାଢ଼ୀ, ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଶଙ୍କର ପ୍ରସାଦ ପତି, ଜି.ଏନ୍. ଦାଶ ଏବଂ ପି.କେ ମିଶ୍ର ବିଭିନ୍ନ ବୈଷୟିକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

# ସଙ୍କଟମୋଚନ ଯଜ୍ଞ ପୂର୍ଣ୍ଣାହୂତି: ସହସ୍ରାଧିକ ଭକ୍ତଙ୍କ ସମାଗମ

କୋରାଇ, ୧୮/୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହି ଠାରେ ସଙ୍କଟମୋଚନ ମହାରାଜଙ୍କ ଜନ୍ମୋତ୍ସବ ଉପଲକ୍ଷେ ୩ ଦିନ ଧରି କଳସ ଯାତ୍ରା ପରେ ଗୀତା ଯଜ୍ଞ, ନାମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଛି । ଏହି ପୂର୍ଣ୍ଣାହୂତିରେ ସହସ୍ରାଧିକ ଭକ୍ତ ଓ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । ପୂଜକ ଭାବେ ପରମାନନ୍ଦ ଶତପଥି, ରଘୁନାଥ ପାଢୀ, ରାଧାକାନ୍ତ ଶତପଥି ପ୍ରମୁଖ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିବାବେଳେ କର୍ତାଭାବେ ଦେବଦଦ ସେନାପତି, ରଂଜନ ଗିରି, ଅଶୋକ ସେନାପତି ପ୍ରମୁଖ ସସ୍ତ୍ରୀକ କାର୍ଯ୍ୟଭାର ତୁଲାଇଥିଲେ । ଏହି ଉପଲକ୍ଷେ ସନ୍ଧ୍ୟାରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଦେଖି ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷ ଦବିସରେ ଛୋଟ କଳାକାରଙ୍କ ଦ୍ୱାରା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । କୋରେଇ ବିଧାୟକ ଅଶୋକ କୁମାର ବଳ, ବିଜେପି ନେତା ବିଶ୍ୱଜିତ ନାୟକ, ସମାଜସେବୀ ଶରତ ଚନ୍ଦ୍ର ଦାଶ ପ୍ରମୁଖଙ୍କ ସମତେ ବହୁ ରାଜନେତା, ଜନ ପ୍ରତିନିଧି, ବୁଦ୍ଧିଜିବୀ ଓ ସମାଜସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବେଦାନ୍ତରେ ଶିଳ୍ପ ନିରାପତ୍ତା ଅଭିଯାନ

ସମ୍ବଲପୁର, ୧୮/୩ (ନି.ପ୍ର): ଦେଶର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ - ବେଦାନ୍ତ ଆଲୁମିନିୟମ୍‌ର ଝାରସୁଗୁଡ଼ା ପ୍ରକଳ୍ପ ପକ୍ଷରୁ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହଯୋଗରେ ଶିଳ୍ପ ନିରାପତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମରେ ଶିଳ୍ପ କ୍ଷେତ୍ରରେ ନିରାପ । ଆଉ ସୁରକ୍ଷା, ଏଥି ପାଇଁ ଭିତିଭୂମି ନିର୍ମାଣ ସହିତ ସଚେତନତା ସୃଷ୍ଟି ବାବଦରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ। ଶିଳ୍ପ ବିଭାଗର ଆୟୁକ୍ତ ତଥା ସଚିବ ଆର୍.ଏସ୍. ଗୋପାଳନ୍ ଏବଂ ଆଭାସୀ ଜରିଆରେ ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, ସ୍ୱରୂପ ଜେନା, ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାଶ ଏବଂ ଉମାକାନ୍ତ ସାମନ୍ତରାୟ ଏଥିରେ ଅଂଶଗ୍ରହଣ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟୀ ଏବଂ ପରିବେଶ ପରିଚାଳନା ସେବା ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲା। କମ୍ପାନୀର ସିଓଓ ସୁନୀଲ ଗୁପ୍ତା କହିଲେ ଯେ, କର୍ମଚାରୀ ଏବଂ ବ୍ୟବସାୟ ଅଂଶୀଦାରମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଅଗ୍ରାଧିକାର ଦିଆଯାଉଛି। ଏଥିପାଇଁ ନିରାପ । ପ୍ରଶିକ୍ଷଣକୁ ଆବଶ୍ୟକତାକୁ ମନେ କରି ନିରନ୍ତର ଶିକ୍ଷା ଏବଂ ସୁରକ୍ଷା ଅଭ୍ୟାସକୁ ଉନ୍ନତ କରି ପରିଚାଳନାଗତା ଉତ୍କର୍ଷତା ହାସଲ ସକାଶେ କମ୍ପାନୀ ପଦକ୍ଷେପ ନେଉଛି ବୋଲି କହିଥିଲେ।

# ଜିଲ୍ଲା ଫାର୍ମାସିଷ୍ଟ ଅଫିସର ସଂଘର ସାଂଗଠନିକ ସମାବେଶ

କେନ୍ଦ୍ରାପଡ଼ା, ୧୮/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଫାର୍ମାସିଷ୍ଟ ଅଫିସର ସଂଘର ସାଂଗଠନିକ ସମାବେଶ ରବିବାର ମାଧପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପ ସଭାପତି ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀକାନ୍ତ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଂଘର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଂଘର ନୂତନ ନାମ କରଣକୁ ମଞ୍ଜୁରୀ ଦେଇ ଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ସଂଘର କେତେକ ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ହୃଦୟତାର ସହ ବିଚାର କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ସରକାରୀ ସେବା ନିବୃତ ସୁରେନ୍ଦ୍ର ନାଥ ନାୟକ, ପହଲି ପ୍ରସାଦ ବେହେରା, ପ୍ରତାପ ଚନ୍ଦ୍ର ମହାରଣା, ରଂଜନ କୁମାର ରାଉତ, ହୃଷିକେଶ ମଲିକ, ସେକ ତଲିମୁଦ୍ଦିନ ଖାନ ପ୍ରମୁଖ ୬ ଜଣ ବରିଷ୍ଠ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଜିଲ୍ଲା ସଂପାଦକ ପ୍ରଭାତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୟସ ବ୍ୟବଧାନ ଯୋଗୁଁ କପଲଙ୍କ ମଧ୍ୟରେ ହୋଇଥାଏ କି କଳି ? ଜାଣନ୍ତୁ ଏହା କେତେ ଭଲ ଓ କେତେ ଖରାପ

**ମୁଦ୍ରାର ଦୁଇ ପାର୍ଶ୍ୱ ପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ହୋଇଥାଏ । ବେଳେବେଳେ ଏଥିରେ ଦୁଃଖ ଥାଏ, ବେଳେବେଳେ ସୁଖ ଥାଏ ଏବଂ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଖଟା-ମିଠା ଯୁକ୍ତି ମଧ୍ୟ ରହିଥାଏ। ବିବାହ ଏବଂ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସମ୍ବନ୍ଧୀୟ ଅନେକ ଜିନିଷ ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ବୟସ ବ୍ୟବଧାନ ସେମାନଙ୍କ ମଧ୍ୟରୁ ଗୋଟିଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ, ଅର୍ଥାତ୍ ବୟସ ବ୍ୟବଧାନ ଅଧିକ ରହିଥାଏ, ତେବେ ସମ୍ପର୍କ ମଧ୍ୟରେ ଦୁଃଖ ଜନ୍ମ ହୁଏ ଏବଂ ଧୀରେ ଧୀରେ ମତଭେଦ ହୁଏ। ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞ କହିଛନ୍ତି ଯେ ଯଦି ବୟସ ବ୍ୟବଧାନ ଆବଶ୍ୟକତାଠାରୁ ଅଧିକ, ତେବେ ସାଧାରଣ ଅପେକ୍ଷା ସମ୍ପର୍କ ମଧ୍ୟରେ ଉତ୍ଥାନ-ପତନ ଦେଖିବାକୁ ମିଳିବ। ଏହା ପଛର କାରଣ ହେଉଛି ଗ୍ରହ ଏବଂ ବ୍ୟକ୍ତିର ମାନସିକତା। ପ୍ରଥମେ, ଗ୍ରହମାନଙ୍କର ଖେଳକୁ ବ୍ୟାଖ୍ୟା କରାଯାଇଛି।**



◆ କ'ଣ ଘଟେ ଯେ ଯେତେବେଳେ ବୟସ ବ୍ୟବଧାନ ଅଧିକ ହୁଏ, ଏହା ଗ୍ରହ ଏବଂ ନକ୍ଷତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତାହା ହେଉଛି, ଯଦି ଝିଅ ଏବଂ ପୁଅର ଗ୍ରହ ନକ୍ଷତ୍ରଗୁଡିକ ମିଳିତ ହୁଏ, କିନ୍ତୁ ଗ୍ରହମାନେ ରାଶିଫଳରେ ପରସ୍ପରଠାରୁ ବହୁ ଦୂରରେ, ତେବେ ଏହା ଅତ୍ୟନ୍ତ ଖରାପ।

◆ ଏହାର ଅର୍ଥ ହେଉଛି ଆଡଜଷ୍ଟ କରିବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଏହା ମଧ୍ୟ ହୋଇପାରେ ଯେ ଆଦୌ ସମନ୍ୱୟ ହୁଏନାହିଁ। ତଥାପି,ଏହା ସମ୍ପୂର୍ଣ୍ଣ ରୂପେ ପୁଅ ଏବଂ ଝିଅର ରାଶିଫଳ ଏବଂ ଗ୍ରହମାନଙ୍କର ସ୍ଥିତି ଉପରେ ନିର୍ଭର କରେ।

◆ ଯଦି ରାଶିରେ ଥିବା ଗ୍ରହଗୁଡିକ ସଠିକ୍ ଏବଂ ପୁଅ ଏବଂ ଝିଅର ଗ୍ରହଗୁଡ଼ିକ ମେଳ ଖାଉଛନ୍ତି, ତେବେ ବୟସ ବ୍ୟବଧାନରେ କିଛି ଫରକ ପଡ଼ିବ ନାହିଁ। ଏହି ପରିସ୍ଥିତିରେ, ବୟସର ପାର୍ଥକ୍ୟ ପରେ ମଧ୍ୟ ପ୍ରେମ ଏବଂ ସୁଖ ଦାମ୍ପତ୍ୟ ଜୀବନରେ ରହିଥାଏ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମନ୍ୱୟ ମଧ୍ୟ ଭଲ ରୁହେ।

◆ ବର୍ତ୍ତମାନ ମାନସିକତାକୁ ଆସିବା, ଏଠାରେ ମାନସିକତାର ଅର୍ଥ ହେଉଛି ଚିନ୍ତା। ଅନେକ ଥର ଏହା ଦାମ୍ପତ୍ୟ ଜୀବନରେ ଘଟିଥାଏ। ଯାହା ଜୀବନ ସାଥୀ ଅନୁଭବ କରିବାକୁ ଲାଗେ ଯେ ସେ ବୟସ୍କ ଅଧିକ ହେବାରୁ ତା'ହେଲେ ସେ ତାଙ୍କ ସାଥୀ ଅପେକ୍ଷା ଦୁନିଆକୁ ଅଧିକ ବୁଝିପାରନ୍ତି, ଯାହା ଝଗଡା ହେବାର ଗୋଟିଏ ମୁଖ୍ୟ କାରଣ।

◆ ଏହା ବ୍ୟତୀତ, ଏହା ମଧ୍ୟ ହୋଇପାରେ ଯେ ଉଚ୍ଚ ବୟସ ବ୍ୟବଧାନ ହେତୁ ଜୀବନଯାପନ, ଖାଇବା, ଉଠିବା, ବସିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା କରିବା ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଏଭଳି ପରିସ୍ଥିତିରେ ପରସ୍ପରର ମତ ଗ୍ରହଣ ନକରିବା ଦ୍ୱାରା ବିବାଦ ସୃଷ୍ଟି ହୁଏ ଏବଂ ମାମଲା ଝଗଡା ପର୍ଯ୍ୟନ୍ତ ପହଞ୍ଚେ।

◆ ତେଣୁ ଏହିପରି ଭାବରେ ଗ୍ରହ ଗ୍ରହର ପ୍ରଭାବ ଏବଂ ମାନସିକତା ହେତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତଭେଦର କାରଣ ହୋଇପାରେ। ତଥାପି, ବେଳେବେଳେ ପ୍ରେମ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ। ତା'ପରେ ଏହା ମାନସିକତା ହେଉ କି ଗ୍ରହମାନଙ୍କର ପ୍ରଭାବ। ପ୍ରେମର ସାମ୍ନାରେ ସବୁକିଛି ମଳିନ ହୁଏ।

# ଚାଉଳ ପାଣିର ଅନେକ ଗୁଣ; ଋତୁସ୍ରାବ ସମସ୍ୟା, ଝାଡା ପାଇଁ ରାମବାଣ; ଜାଣନ୍ତୁ ପ୍ରସ୍ତୁତି ପ୍ରଣାଳି

ରୋଷେଇ ପୂର୍ବରୁ ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ? ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ?

ଓଡ଼ିଶାରେ ପ୍ରତ୍ୟେକ ଘରେ ପ୍ରତିଦିନ ଚାଉଳରୁ ଭାତ ପ୍ରସ୍ତୁତ ହୋଇଥାଏ। ଏହାକୁ ତିଆରି କରିବା ପୂର୍ବରୁ, ଏହାକୁ ପାଣିରେ ଭଲ ଭାବରେ ଧୁଆଯାଏ, ତା'ପରେ ଏହା ରନ୍ଧା ହୋଇଥାଏ। ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ଆସନ୍ତୁ ଜାଣିବା। ସାଧାରଣତଃ ଚାଉଳ ଧୋଇବା ପରେ ସମସ୍ତେ ଦେଖିଥିବେ ଏଥିରୁ ଏକ ସଫା ମୋଟା ପାଣି ବାହାରେ। ଆୟୁର୍ବେଦରେ ଏହାକୁ ତଣ୍ଡୁଲୋଦକ ବୋଲି କୁହାଯାଏ। ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ? ଚାଉଳ ପାଣି ଷ୍ଟାର୍ଚରେ ଭରପୂର। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଚାଉଳ ପାଣିର ଚମତ୍କାର ଶତାବ୍ଦୀ ଶତାବ୍ଦୀ ଧରି ଆୟୁର୍ବେଦରେ ଜଣାଶୁଣା ଏବଂ ଏହାର ଲାଭ ସମଗ୍ର ବିଶ୍ୱ ଜାଣିଛି ଏବଂ ଗ୍ରହଣ କରିଛି।

*କିପରି କରିବେ ପ୍ରସ୍ତୁତ:*

ଚାଉଳ ପାଣି ପ୍ରସ୍ତୁତ କରିବାକୁ ୧୦ ଗ୍ରାମ (୧ବାଟି) ଚାଉଳ ନିଅନ୍ତୁ
ଏହାକୁ ଥରେ ପାଣିରେ ଧୋଇ ଦିଅନ୍ତୁ
ବର୍ତ୍ତମାନ ଏଥିରେ ୬୦-୮୦ ମିଲି ପାଣି ମିଶାନ୍ତୁ
ଏହାକୁ ଏକ ମାଟି ପାତ୍ର / ଷ୍ଟେନଲେସ୍ ଷ୍ଟିଲ୍ ପାତ୍ରରେ ୨-୬ ଘଣ୍ଟା ପର୍ଯ୍ୟନ୍ତ ବନ୍ଦକରି ରଖନ୍ତୁ
ଏହା ପରେ ଚାଉଳକୁ ୨-୩ ମିନିଟ୍ ପାଣିରେ ଘାଣ୍ଟି ଫିଲ୍ଟର୍ କରନ୍ତୁ
ବର୍ତ୍ତମାନ ଏହା ବ୍ୟବହାର କରିବାକୁ ପ୍ରସ୍ତୁତ
ଆପଣ ଏହାକୁ ଦିନସାରା ପିଇପାରିବେ
ଏହି ପାଣିକୁ ୬-୮ ଘଣ୍ଟା ପାଇଁ ରଖାଯାଇ ପାରିବ
ଯଦି ଆପଣ ଚାହାଁନ୍ତି, ପ୍ରତିଦିନ ଏହି ଉପାୟରେ ସତେଜ ଚାଉଳ ପାଣି ତିଆରି କରିପାରିବେ

*କେଉଁ ଚାଉଳ ଦରକାର:*

ଚାଉଳ ପାଣି ପ୍ରସ୍ତୁତ କରିବା ପାଇଁ ଯେକୌଣସି ପ୍ରକାର ଚାଉଳ ନିଆଯାଇପାରେ। ଏଥିପାଇଁ ଖୁଦ ଚାଉଳ ଏବଂ ନାଲି ଚାଉଳ ଭଲ। ଗୋଟିଏ ବର୍ଷର ଚାଉଳ ଆହୁରି ଭଲ। ଧଳା ଚାଉଳ ମଧ୍ୟ ନିଆଯାଇପାରେ। ଏହା ଉଁସା କିମ୍ବା ପଲିସି ନ ହେବା ଦରକାର।

*ଚାଉଳ ପାଣିର ଲାଭ:*

ଚାଉଳ ପାଣି ଚର୍ମ ଏବଂ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ।
ଲ୍ୟୁକୋରୋରିଆରେ ପୀଡିତ ରୋଗୀଙ୍କ ପାଇଁ ଏହା ରାମବାଣ ପରି କାମ କରେ।
ଏହାର ପ୍ରକୃତି ଥଣ୍ଡା, ତେଣୁ ପରିସ୍ରାପୋଡା, ଝାଡ଼ା, ରକ୍ତସ୍ରାବ ସମ୍ବନ୍ଧୀୟ ବ୍ୟାଧି ଏବଂ ଅଧିକ ଋତୁସ୍ରାବରେ ଏହା ଭଲ କାମ କରିଥାଏ।





# ପରିବା ସୁପ୍

ଆବଶ୍ୟକ ସାମଗ୍ରୀ:

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ଡାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର।

ପ୍ରସ୍ତୁତି:

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି




ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

# ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୁର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ତା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ। ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।



# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➢ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➢କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➢ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।






➢ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।






➢ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➢ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➢ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧ କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ହାତ ପାଆନ୍ତାରେ ସୌରଶକ୍ତି

ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପର ଦ୍ରୁତ ସମ୍ପ୍ରସାରଣ ସହିତ ତାଳଦେଇ ବିଗତ ଦଶନ୍ଧି ମଧ୍ୟରେ ଆମ ଦେଶରେ ଶକ୍ତିର ଆବଶ୍ୟକତା ହାରାହାରି ବାର୍ଷିକ ପ୍ରାୟ ୩ ପ୍ରତିଶତ ହାରରେ ବଢ଼ିଚାଲିଛି। ଏହାର ଗଭୀର ପ୍ରଭାବ ଅନୁଭୂତ ହେଉଛି ଆମ ଅର୍ଥନୀତି, ପରିବେଶ ଏବଂ ପରିସଂସ୍ଥା ଉପରେ। ୨୦୪୦ ମସିହା ବେଳକୁ ଶକ୍ତି ଚାହିଦା ୨୦୧୯ ମସିହା ତୁଳନାରେ ୩୦ ରୁ ୬୦ ପ୍ରତିଶତ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଶକ୍ତିର ଆବଶ୍ୟକତା ପୂରଣ ଲାଗି ଆମେ ବିଶେଷଭାବେ ଜୀବାଶ୍ମ ଇନ୍ଧନ ଏବଂ ଅଳ୍ପ କିଛି ମାତ୍ରାରେ ପୁନଃ ନବୀକରଣକ୍ଷମ ଶକ୍ତି ଉତ୍ସମାନଙ୍କ ଉପରେ ନିର୍ଭର କରୁ। ବର୍ତ୍ତମାନ ଆମ ଶକ୍ତି ଚାହିଦାର ପ୍ରାୟ ଅଧାଅଧି ଯୋଗାଉଛି କୋଇଲା (୪୬%)। ଏହା ପଛକୁ ଖଣିଜତୈଳ (୨୪%), ଜୈବଇନ୍ଧନ (୨୧%) ଏବଂ ପ୍ରାକୃତିକ ବାଷ୍ପ (୫%)ର ସ୍ଥାନ। ଅନ୍ୟପକ୍ଷରେ ଜଳବିଦ୍ୟୁତ ପ୍ରକଳ୍ପ ତଥା ପରମାଣବିକ, ସୌର, ବାୟୁ ଆଦି ପୁନଃ ନବୀକରଣକ୍ଷମ ଉତ୍ସଗୁଡ଼ିକ ଏକତ୍ର ଆମର ମାତ୍ର ୩ ପ୍ରତିଶତ ଆବଶ୍ୟକତା ପୂରଣ କରନ୍ତି। ଜୀବାଶ୍ମ ଇନ୍ଧନଗୁଡ଼ିକ ଅତ୍ୟନ୍ତ ପ୍ରଦୂଷଣକାରୀ। ତାହାର ଖଣିରୁ ଉତ୍ତୋଳନ, ପରିବହନ, ବିଶୋଧନ ଏବଂ ବିଦ୍ୟୁତ ଉତ୍ପାଦନ ଲାଗି ବ୍ୟବହାର ଏକତ୍ର ବିଶାଳ ଅଙ୍ଗାର-ପଦଚିହ୍ନମାନ ସୃଷ୍ଟି କରନ୍ତି। 'ଇଣ୍ଟରନ୍ୟାସନାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍'ର ଆକଳନ ଅନୁସାରେ କୋଇଲାରୁ ଏକ 'କିଲୋୱାଟ୍ ଆୱାର' ବିଦ୍ୟୁତ୍ ଉତ୍ପାଦନରେ ଉତ୍ପନ୍ନ ହୋଇଥାଏ ୭୪୦ ରୁ ୧୬୮୯ ଗ୍ରାମ ଅଙ୍ଗାରକାମ୍ଳ- ସମତୁଲ୍ୟ ସବୁଜଗ୍ରହ ବାଷ୍ପ। ସେହିପରି ଖଣିଜତୈଳ ଏବଂ ପ୍ରାକୃତିକ ବାଷ୍ପରୁ ଏହା ଯଥାକ୍ରମେ ୫୧୦ ରୁ ୧୧୭୦ ଏବଂ ୨୩୦ ରୁ ୨୯୦ ହେଲା ବେଳେ ପୁନଃ ବିନିଯୋଗକ୍ଷମ ଉତ୍ସ ଯଥା – ଜଳବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ୪ ଗ୍ରାମ୍, ବାୟୁଶକ୍ତି କ୍ଷେତ୍ରରେ ୧୧ ଗ୍ରାମ୍, ପରମାଣବିକ ଶକ୍ତି କ୍ଷେତ୍ରରେ ୧୨ ଗ୍ରାମ୍ ଏବଂ ସୌରଶକ୍ତି କ୍ଷେତ୍ରରେ ୪୧ ଗ୍ରାମ୍ ହୋଇଥାଏ। ତେଣୁ ଅଧିକ ପରିମାଣର ଜୀବାଶ୍ମ ଇନ୍ଧନ ବ୍ୟବହାର ଆମ ଦେଶକୁ ବିଶ୍ୱର ତୃତୀୟ ସର୍ବାଧିକ ଅଙ୍ଗାରକାମ୍ଳ ନିର୍ଗମନକାରୀ ରାଷ୍ଟ୍ରରେ ପରିଣତ କରିଛି (୨୦୧୧ ମସିହାରେ ୨.୫ ଗିଗାଟନ୍)। ଏହାବ୍ୟତୀତ ଆମ ଆବଶ୍ୟକତାର ୮୦ ପ୍ରତିଶତ ଖଣିଜତୈଳ, ୫୦ ପ୍ରତିଶତ ପ୍ରାକୃତିକ ବାଷ୍ପ ଏବଂ ୨୦ ପ୍ରତିଶତ କୋଇଲା ବିଦେଶରୁ ଆମଦାନୀ କରାଯାଏ। ଆନ୍ତର୍ଜାତିକ ବଜାରରେ ନିୟମିତ ଭାବେ ଏଗୁଡ଼ିକର ମୂଲ୍ୟବୃଦ୍ଧି ଘଟୁଥିବା ହେତୁ ତାହା ଆମ ଅର୍ଥନୀତିକୁ ଏବଂ ବିଶେଷକରି ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ଗଭୀରଭାବେ ପ୍ରଭାବିତ କରୁଛି। ଏସବୁ କଥା ବିଚାରକୁ ନେଇ ଆମ ଦେଶରେ ପୁନଃ ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ରୁତ ବିକାଶ ଲାଗି ଏବଂ ସମୁଦାୟ ଶକ୍ତି ଉତ୍ପାଦନର ୩୧ ପ୍ରତିଶତକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତହିଁରେ ସର୍ବାଗ୍ରରେ ରହିଛି ସୌରଶକ୍ତି (୫୪.୯୯%) ଏବଂ ତା'ପରେ ଯଥାକ୍ରମେ ବାୟୁଶକ୍ତି (୩୩.୩%), ଜୈବଶକ୍ତି (୮.୦୫%) ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା (୩.୭%)। ଭାରତରେ ପୁନଃ ନବୀକରଣ ଶକ୍ତି ପ୍ରତି ଗୁରୁତ୍ୱ ଦେବା ମୂଳରେ ରହିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ପ୍ରତିହତ କରିବା ପାଇଁ ଅଙ୍ଗାରକାମ୍ଳ ନିର୍ଗମନ ଯଥାସମ୍ଭବ ହ୍ରାସ ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଦିଗରେ ଅଗ୍ରସର ହେବା ଲାଗି ପ୍ରତିଶ୍ରୁତିବଦ୍ଧତା। ଏହି ଲକ୍ଷ୍ୟ ନେଇ ବିଗତ ଫେବ୍ରୁଆରୀ ୩ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଛାତ ଉପରେ ମାଗଣା ସୌର ଯୋଜନା-୨୦୨୪' ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶରେ ଅନ୍ତତଃ ୧ କୋଟି ଘରର ଛାତ ଉପରେ ସୌର ଫଳକ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାଫଳରେ କି ଅଧିକରୁ ଅଧିକ ଲୋକେ ସେଗୁଡ଼ିକୁ ସ୍ୱାଧୀନ ଭାବେ ବ୍ୟବହାର କରିପାରିବେ ଏବଂ ଗ୍ରୀଡ଼ରୁ କମ୍ ଶକ୍ତି ଆବଶ୍ୟକ କରିବେ। ଏଥିପାଇଁ ୧ କିଲୋୱାଟ୍ ବ୍ୟବସ୍ଥା ପ୍ରତିଷ୍ଠା ଲାଗି ୧୦ ବର୍ଗମିଟର ସ୍ଥାନ ଲୋଡ଼ା। ଏହି ଯୋଜନା ମୁତାବକ ୩ କିଲୋୱାଟ୍ ପର୍ଯ୍ୟନ୍ତ ସୌରଫଳକ ପ୍ରତିଷ୍ଠା କଲେ ସରକାର ୪୦ ଶତାଂଶ ଆର୍ଥିକ ରିହାତି ପ୍ରଦାନ କରିବେ। ତାହା ୪ ରୁ ୧୦ କିଲୋୱାଟ୍ ହେଲେ ଏହା ୬୦ ଶତାଂଶକୁ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଅବଶିଷ୍ଟ ଖର୍ଚ୍ଚ ଲାଗି କମ୍ ସୁଧରେ ଋଣର ବ୍ୟବସ୍ଥା କରାଯିବ, ଯାହାକୁ ଋଣ ଗ୍ରହୀତା ୧୦ ବର୍ଷ ଭିତରେ ସୁଝିପାରିବେ। ଆଶା କରାଯାଏ ଯେ ଛାତ ଉପର ସୌରଫଳକ ପ୍ରତିଷ୍ଠା ବିଦ୍ୟୁତ୍ ବିଲ ୩୦ ରୁ ୫୦ ପ୍ରତିଶତ ହ୍ରାସ କରିବ। ଏ ବ୍ୟବସ୍ଥାଟି ୨୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ତେବେ ୫ ରୁ ୬ ବର୍ଷ ମଧ୍ୟରେ ଏଥିରେ ନିୟୋଜିତ ଅର୍ଥ ପରିଶୋଧ ହୋଇଯିବ। ଟେକ୍ ନୋଲୋଜିର ବିକାଶ ଏ ସମୟକୁ ଯଥାଶୀଘ୍ର ୧ ରୁ ୨ ବର୍ଷକୁ ହ୍ରାସ କରିପାରିବ ବୋଲି କୁହାଗଲାଣି। ଏହାପରେ ଉପଭୋକ୍ତା ଅବଶିଷ୍ଟ ସମୟ ଏଥିରୁ ମାଗଣା ବିଦ୍ୟୁତ୍‌ଶକ୍ତି ପାଇପାରିବ। ତେବେ ସବୁ ଯୋଜନା ଭଳି ଏ କ୍ଷେତ୍ରରେ ମଧ୍ୟ କେତେକ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ଉଦାହରଣ ସ୍ୱରୂପ ପ୍ରତ୍ୟେକ ସୌର ଫଳକରେ ଥାଏ ଗୋଟିଏ ଆଲୁମିନିୟମ ଫ୍ରେମ, କାଚର ଢାଙ୍କୁଣୀ, ସିଲିକନ୍ ସେଲ୍‌ଫ, ତମ୍ବାର ସୁପରିବାହୀ ତାର ଏବଂ ତା'ର ପୃଷ୍ଠଦେଶ ତିଆରି ହୋଇଥାଏ ପଲିମର ବା ପ୍ଲାଷ୍ଟିକ୍‌ରେ। ଏଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସିଲିକନ୍। ଖଣି ଖନନ ଦ୍ୱାରା ନିଷ୍କାସିତ କ୍ୱାର୍ଜକୁ ଅତ୍ୟନ୍ତ ଉଚ୍ଚ ତାପମାତ୍ରାରେ ଉତ୍ତପ୍ତ କରି ଏବଂ ସେଥିରେ କେତେକ ରାସାୟନିକ ପଦାର୍ଥ ପ୍ରୟୋଗ କରି ଏହା ପ୍ରସ୍ତୁତ କରାଯାଏ।

# ମାଲଦ୍ୱୀପରେ ଚୀନର ରଣକୌଶଳ



## ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ ଚୀନ୍ ଓ ମାଲଦ୍ୱୀପ ମଧ୍ୟରେ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯାହା ଅନୁଯାୟୀ ଚୀନ ମାଲଦ୍ୱୀପକୁ ସାମରିକ ସହାୟତା ଯୋଗାଇବା ସହିତ ଏହାର ସେନାକୁ ମଧ ତାଲିମ ଦେବ । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ମାଲଦ୍ୱୀପର ସୁରକ୍ଷା ସହିତ ସାମରିକ ତାଲିମରେ ଜଡିତ ରହିଥିଲା । ଦେଖିବାକୁ ଗଲେ ମାଲଦ୍ୱୀପ ଏକ ଛୋଟ ଦେଶ । କିନ୍ତୁ ଏହାର ଦ୍ୱୀପପୁଞ୍ଜ ଭାରତ ମହାସାଗରର ଏକ ବଡ଼ ଅଞ୍ଚଳରେ ବ୍ୟାପିଛି ।

ଭୌଗୋଳିକ ଦୃଷ୍ଟିରୁ ଭାରତ ଓ ବିଶ୍ୱ ବାଣିଜ୍ୟ ପାଇଁ ମାଲଦ୍ୱୀପର ଅବସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍ତର ଭାରତ ମହାସାଗରରେ ଦକ୍ଷିଣ ଏସିଆ ଉପକୂଳରେ ମାଲଦ୍ୱୀପ ଅବସ୍ଥିତ । ଭାରତ ମହାସାଗରର ସେହି ଗୁରୁତ୍ୱପୂର୍ଣ୍ଣ ଅଂଶରେ ଏହା ରହିଅଛି । ଯାହା ମାଧ୍ୟମରେ ବିଶ୍ୱର ପରିବହନ ଲାଇନଗୁଡ଼ିକ ଅତିକ୍ରମ କରିଥାଏ । ସି ଜିନପିଙ୍ଗଙ୍କ ଅର୍ଥନୀତିକ, ବୈଦେଶିକ ଓ ସୁରକ୍ଷା ନୀତିର ଲକ୍ଷ୍ୟଗୁଡ଼ିକ ଅଧିକ ଉଚ୍ଚାଭିଳାଷୀ ତଥା ବ୍ୟାପକ ଅଟେ । ଚୀନ୍‌କୁ ଏକ ସାମୁଦ୍ରିକ ମହାନ ଶକ୍ତିରେ ପରିଣତ କରିବା ହେଉଛି ତାଙ୍କର ଏକ ପ୍ରମୁଖ ଲକ୍ଷ୍ୟ । ୨୦୧୨ ରେ, ସେ ମଧ ଏହି ଲକ୍ଷ୍ୟକୁ ସର୍ବସାଧାରଣରେ ପ୍ରକାଶ କରିଥିଲେ । ସମୁଦ୍ରରେ ଶକ୍ତିଶାଳୀ ହେବା ଅର୍ଥନୀତିର ସ୍ଥିରତା ସହିତ ଏକ ଅନିଶ୍ଚିତ ସାମରିକ ଶକ୍ତି ହେବାକୁ ନିର୍ଣ୍ଣାୟକ ବୋଲି ବିବେଚନା କରାଯାଏ । ଏହି ରଣନୀତି ଉପରେ ଚୀନ୍ ଆଗକୁ ବଢୁଛି ।

ଏପରିକି ଏହା ଭାରତର ଦକ୍ଷିଣ ଉପକୂଳରୁ ମାଲଦ୍ୱୀପରେ ପହଞ୍ଚିଛି । ସମୁଦ୍ର ଯାତାୟାତର ମୁଖ୍ୟ ମାର୍ଗକୁ ସ୍ଲୋକ (ଝଖଙଉ) କୁହାଯାଏ । ଯୋଗାଯୋଗର ଏହି ସମୁଦ୍ର ମାର୍ଗଗୁଡ଼ିକ ବିଶ୍ୱ ଅର୍ଥନୀତିର କାର୍ଯ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଭାରତ ଏକ ଉପଦ୍ୱୀପ ଦେଶ, ପଶ୍ଚିମରେ ଆରାକ୍ନିଡସ୍, ଦକ୍ଷିଣରେ ଭାରତ ମହାସାଗର ଏବଂ ପୂର୍ବରେ ବଙ୍ଗୋପସାଗର ଦ୍ୱାରା ଘେରି ରହିଛି । ଭାରତର ବିସ୍ତୃତ ଉପଦ୍ୱୀପର ରଣନୀତିକ ଅବସ୍ଥାନ ଏବଂ ଏହାର ଚତୁର୍ଦ୍ଦିଗରେ ବ୍ୟାପିଥିବା ଦ୍ୱୀପ ଶୃଙ୍ଖଳା ଯୋଗୁଁ ସାମୁଦ୍ରିକ ସୁରକ୍ଷା ଦୃଷ୍ଟିରୁ ଏହି ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କହିବାକୁ ଗଲେ ଭାରତର ଅଧିକାଂଶ ଆନ୍ତର୍ଜାତୀୟ ବାଣିଜ୍ୟ ସମୁଦ୍ର ମାର୍ଗ ଦ୍ୱାରା ପରିଚାଳିତ ହୋଇଥାଏ । ବିଶ୍ୱ ସାମୁଦ୍ରିକ ବାଣିଜ୍ୟ ପାଇଁ ମାଲଦ୍ୱୀପ ଚାରିପାଖରେ ଥିବା ସ୍ଲୋକ (ଝଖଙଉ) ଗୁଡ଼ିକର ବ୍ୟାପକ ରଣନୀତିକ ଗୁରୁତ୍ୱ ରହିଛି । ଭାରତର ପ୍ରାୟ ପଚାଶ ପ୍ରତିଶତ ବୈଦେଶିକ ବାଣିଜ୍ୟ ଏବଂ ଅଶୀ ପ୍ରତିଶତ ଶକ୍ତି ଆମଦାନୀ ଏହି ସ୍ଲୋକ (ଝଖଙଉ)ମାଧ୍ୟମରେ ହୋଇଥାଏ । ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ରଣନୀତିକ ଏବଂ ଅର୍ଥନୀତିକ ଦୃଷ୍ଟିରୁ ଭାରତ ପାଇଁ ମାଲଦ୍ୱୀପ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ ।

ଭାରତ ମହାସାଗରରେ କୌଣସି ଦେଶର ଭାରତ ସହିତ ସମାନ ଉପକୂଳ ନା ହିଁ। ଭାରତ ମହାସାଗର ପଶ୍ଚିମରେ ୟୁରୋପୀୟ ଓ ପୂର୍ବ ଏସୀୟ ଦେଶମାନଙ୍କରେ ଯୋଗ ଦେଇ ଭାରତକୁ ଏକ କେନ୍ଦ୍ରୀୟ ସ୍ଥିତିରେ ରଖିଛି । ଚୀନ୍ ଭାରତ ମହାସାଗର କୂଳଠାରୁ ବହୁ ଦୂରରେ । ସେ ସର୍ବଦା ଭୟ କରେ ଯେ ଆମେରିକା ଭାରତ ସାହାଯ୍ୟରେ ଯେକୌଣସି ସମୟରେ ଭାରତ ମହାସାଗରରୁ ଏହାର ଯୋଗାଣ ଲାଇନ ବନ୍ଦ କରି ଏହାକୁ ପୃଥକ କରିଦେବ । ଏହା ମଧ ପୂର୍ବରୁ ଚୀନ୍ ପର୍ଯ୍ୟନ୍ତ ଯୋଗାଯୋଗର ସମୁଦ୍ର ରେଖା ସେମାନଙ୍କର ଅଧିକାଂଶ ଯାତ୍ରା ପାଇଁ ଭାରତୀୟ ଉପକୂଳ ଦେଇ ଯାଇଥାଏ । ମାଲଦ୍ୱୀପ ମାଧ୍ୟମରେ ଚୀନ୍ ଏହାର ସୁରକ୍ଷା ଏବଂ ଅର୍ଥନୀତିକ ଚିନ୍ତାଧାରାକୁ ହଟାଇବାକୁ ଚାହୁଁଛି । ସେ ମାଲଦ୍ୱୀପ ସହିତ ବହୁମୁଖୀ ସମ୍ପର୍କ ବୃଦ୍ଧି କରିବାରେ ମଧ ସଫଳ ହୋଇଛନ୍ତି । ଦୁଇ ଦେଶ ମଧ୍ୟରେ ଏହି ବୃଦ୍ଧି ସହଯୋଗ ଅନେକ କ୍ଷେତ୍ରରେ ଭାରତ ପାଇଁ ସମସ୍ୟା ବଢାଇପାରେ । ଚୀନ୍ ସାମୁଦ୍ରିକ ଶକ୍ତି ହେବା ଦିଗରେ ଅଦୃଶ୍ୟ ପଦକ୍ଷେପ ନେଇଛି । ଯାହା ଫଳରେ ଏହାର ନୌସେନାକୁ ଆଧୁନିକୀକରଣ କରିବା ଦ୍ୱାରା ଦକ୍ଷ ଶକ୍ତିରେ ରୂପାନ୍ତରିତ ହୋଇଛି।

ଚୀନ୍‌ର ନୌସେନାକୁ ସାମୁଦ୍ରିକ ଡୋମେନରେ ଏକ ଭୟଙ୍କର ସାମରିକ ଶକ୍ତି ବୋଲି ବିଶ୍ୱାସ କରାଯାଏ । ପଶ୍ଚିମ ପ୍ରଶାନ୍ତ, ଭାରତ ମହାସାଗରରେ ଓ ୟୁରୋପରେ ବ୍ୟାପକ ଜଳରେ ବର୍ଦ୍ଧିତ କାର୍ଯ୍ୟ ପରିଚାଳନା କରୁଛି । ଏହା ସହିତ ଚୀନ୍ କୂଟନୀତି କରି ସହାୟତା ନାମରେ ନିୟନ୍ତ୍ରିତ ବନ୍ଦର ଓ ସାମରିକ ସୁବିଧାଗୁଡ଼ିକର ବିକାଶ ଭାରତର ରଣନୀତିକ ଆଞ୍ଚଳିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିପାରେ । ନୌସେନା ପଶ୍ଚିମ ପ୍ରଶାନ୍ତ ନୁହେଁ ।

ଚୀନ୍ ଭାରତ ମହାସାଗରରେ ଓ ୟୁରୋପରେ ବ୍ୟାପକ ଜଳରେ ବହୁ ସଂଖ୍ୟକ ଅପରେସନ୍ କରୁଛି । ଏହା ସହିତ ସହାୟତା କୂଟନୀତିକ ନାମରେ ଭାରତ ନିକଟବର୍ତ୍ତୀ ଦେଶମାନଙ୍କରେ ଚୀନ୍ ନିୟନ୍ତ୍ରିତ ବନ୍ଦର ଓ ସାମରିକ ସୁବିଧାଗୁଡ଼ିକର ବିକାଶ ଦ୍ୱାରା ଭାରତର ରଣନୀତିକ ଆଗ୍ରହ ଓ ଆଞ୍ଚଳିକ ସୁରକ୍ଷା ଅଞ୍ଚଳ କ୍ରମାଗତ ଭାବେ କ୍ଷତିଗ୍ରସ୍ତ ହେବା ସହିତ କ୍ଷତି ସହିବାକୁ ଯାଉଛି । ଚୀନ୍ ପାକିସ୍ତାନର ଗ୍ୱାଦର ବନ୍ଦରର ଏକ ପ୍ରମୁଖ ଅଂଶୀଦାର ଅଟେ । ଶ୍ରୀଲଙ୍କାର ହାମବନ୍ତୋଟା, ବାଂଲାଦେଶର ଚିତ୍ରକୋଣ୍ଡା ,ମିଆଁମାରର ସିଟଓ୍ୱେ ପ୍ରକଳ୍ପ ସମେତ ଚୀନ୍ ବନ୍ଦର ଏବଂ ମାଲଦ୍ୱୀପର ଅନେକ ଜନବହୁଳ ଦ୍ୱୀପପୁଞ୍ଜ ଦଖଲ ହେତୁ ଭାରତର ରଣନୀତିକ ତଥା ସାମୁଦ୍ରିକ ସୁରକ୍ଷା ଚ୍ୟାଲେଞ୍ଜ ବୃଦ୍ଧି ପାଇଛି । ଚୀନ୍ ଏହି ବନ୍ଦରଗୁଡିକୁ ଏପରି ଭାବରେ ବିକଶିତ କରିଛି ଯେ ଏହାର ସାମରିକ ପାଟ୍ରୋଲିଂ ଜାହାଜ କିମ୍ବା ସେଠାରେ ଫ୍ରିଗେଟ୍ ପରି ଛୋଟ ନୌସେନା ଜାହାଜ ରଖିପାରିବ ।

ଜିଆଙ୍ଗ ୟାଙ୍ଗ ହଙ୍ଗ ହେଉଛି ଏକ ଚାଇନାର ଅନୁସନ୍ଧାନ ଜାହାଜ । ଭାରତ ମହାସାଗରର ବିଭିନ୍ନ ଅଞ୍ଚଳରେ ଅନୁସନ୍ଧାନ ଅଭିଯାନ ନାମରେ ଯାତ୍ରା କରୁଥିବା ଏହି ଜାହାଜକୁ ମାଲଦ୍ୱୀପ ସରକାର ଏହାର ବନ୍ଦରରେ ଅଟକି ରହିବାକୁ ଅନୁମତି ଦେଇଛନ୍ତି । ଏହାଦ୍ୱାରା ଭାରତର ପ୍ରତିରକ୍ଷା ଗବେଷଣା ତଥା ଅନୁସନ୍ଧାନ କେନ୍ଦ୍ରଗୁଡ଼ିକର ଅନୁସନ୍ଧାନର ଭୟ ବୃଦ୍ଧି ପାଇଛି । ଯୁଦ୍ଧକାଳୀନ ପରିସ୍ଥିତି ପାଇଁ ଚୀନ୍ ସୈନିକଙ୍କ ପାଇଁ ଅଣ୍ଡରସିୟା ବୈଶିଷ୍ଟ୍ୟଗୁଡିକ ମ୍ୟାପ୍ କରିବା ଲାଭଦାୟକ ହେବ ।

ମାଲଦ୍ୱୀପ ଚୀନ୍‌ର ଉଚ୍ଚାଭିଳାଷୀ ପ୍ରକଳ୍ପ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍'ର ଏକ ଅଂଶ । ଅର୍ଥନୀତିକ ଯୋଗଦାନ ସହିତ ଚୀନ୍ ମଧ ସୁନିଶ୍ଚିତ କରୁଛି ଯେ ଟର୍ମିନାଲ୍ ଏବଂ ଚାଇନିଜ୍ ଫାର୍ମଗୁଡିକ ଦ୍ୱାରା ପରିଚାଳିତ ବାଣିଜ୍ୟିକ କ୍ଷେତ୍ର ସହିତ ରଣନୀତିକ ଭାବରେ ଅବସ୍ଥିତ ବିଦେଶୀ ବନ୍ଦରଗୁଡିକ ଏହାର ସୈନ୍ୟବାହିନୀ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହି ରଣନୀତି ମାଧ୍ୟମରେ ଚୀନ୍ ଭାରତ ମହାସାଗରରେ ଅବସ୍ଥିତ ଅନେକ ଦେଶରେ ଯୋଗାଣ, ଲଜିଷ୍ଟିକ୍ ଓ ଗୁପ୍ତଚର କେନ୍ଦ୍ର ଏକ ବ୍ୟାପକ ନେଟୱାର୍କ ସୃଷ୍ଟି କରିବାର କ୍ଷମତା ହାସଲ କରିଛି ।

ଅନ୍ୟ ପକ୍ଷରେ ଆରବ ସାଗରରେ ଥିବା ଗ୍ୱାଦର ବନ୍ଦର ଚାଇନାର ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଦ୍ୱାରା ପରିଚାଳିତ । ଏହି ବନ୍ଦରଟି ପାରସ୍ୟ ଉପସାଗରକୁ ଯିବା ଓ ଗୁରୁତ୍ୱପୂର୍ଣ୍ଣ ପରିବହନ ପଥ ନିକଟରେ ଅବସ୍ଥିତ । ଶ୍ରୀଲଙ୍କାର ହାମବନ୍ତୋଟା ବନ୍ଦର ଏସୀୟ ଓ ୟୁରୋପୀୟ ଆନ୍ତର୍ଜାତୀୟ ପରିବହନ ପରିବହନ ମାର୍ଗ, ସୁଇଜ୍ କେନାଲ ଓ ମାଲାକା ଷ୍ଟ୍ରାଇଟ୍ ନିକଟବର୍ତ୍ତୀ । ଏହି ବନ୍ଦର ଚାଇନାର ରାଷ୍ଟ୍ରାୟତ୍ତ କମ୍ପାନୀ ଅଧୀନରେ ଅଛି । ଏହି ମାର୍ଗ ମାଧ୍ୟମରେ ଚୀନ୍ ଏହାର ଅଧିକାଂଶ ତେଲ ଆମଦାନୀ କରିଥାଏ । ମାଲାକା ଷ୍ଟ୍ରାଇଟ୍ ହେଉଛି ମଧ୍ୟ ପୂର୍ବ ଏବଂ ପୂର୍ବ ଏସିଆ ମଧ୍ୟରେ ସବୁଠାରୁ କ୍ଷୁଦ୍ର ସମୁଦ୍ର ମାର୍ଗ । ଯାହା ଏସିଆ, ମଧ ପୂର୍ବ ଓ ୟୁରୋପ ମଧ୍ୟରେ ପରିବହନର ସମୟ ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରେ । ଏହାର ରଣନୀତିକ ଅବସ୍ଥାନ ହାଇଡ୍ରୋକାର୍ବନ୍, କଣ୍ଟେନର ଏବଂ ବଲ୍କ କାର୍ଗୋ ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ କରିଥାଏ।

ଅଧିକାଂଶ ଏସୀୟ ଦେଶ ପରି ଚାଇନା ମଧ ହାଇଡ୍ରୋକାର୍ବନ୍ ଆମଦାନୀ ଉପରେ ଅଧିକ ନିର୍ଭରଶୀଳ । ସତୁରି ପ୍ରତିଶତରୁ ଅଧିକ ପେଟ୍ରୋଲିୟମ ଏବଂ ଏଲଏନଜି ରପ୍ତାନି ମାଲାକା ଷ୍ଟ୍ରାଇଟ୍ ଦେଇ ଯାଇଥାଏ । ଏହା ମଧ ଚୀନ୍‌ର ଶକ୍ତି ସୁରକ୍ଷା ନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହୋଇପାରିଛି । ଅପରପକ୍ଷରେ ମାଲାକା ଷ୍ଟ୍ରାଇଟ୍ ଉପରେ ଚାଇନାର ନିର୍ଭରଶୀଳତା ରହିଆସିଛି । ଏହି ସମୁଦ୍ର ମାର୍ଗକୁ ନେଇ ଚୀନ୍ ସନ୍ଦେହ କରୁଛି । କାରଣ ଇଣ୍ଡୋ ପାସିଫିକ୍ ଏବଂ ମଧ ପୂର୍ବରେ ଆମେରିକାର ନୌସେନା ଅତ୍ୟନ୍ତ ଶକ୍ତିଶାଳୀ ଏବଂ ସ୍ଲୋକର ସୁରକ୍ଷା ନିଶ୍ଚିତ କରିବାରେ ସକ୍ଷମ ଏକମାତ୍ର ଶକ୍ତି । ଏହାର ପ୍ରଭାବ ଆଫ୍ରିକା ଉପକୂଳରୁ ପୂର୍ବ ଏସିଆ ପର୍ଯ୍ୟନ୍ତ ବ୍ୟାପିଛି। ଭାରତ ମହାସାଗରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗର କେନ୍ଦ୍ରରେ ଅଛି । ଚାଇନା ଅନୁଭବ କରୁଛି ଯେ ତାଇୱାନ କିମ୍ବା ଭାରତ ସହିତ ଯୁଦ୍ଧ ହେଲେ ଆମେରିକା ଏହି ଯୋଗାଣ ଲାଇନକୁ କାଟି ଚୀନ୍‌ର ଅର୍ଥନୈତିକ ଅବସ୍ଥାକୁ ଅତି ସହଜରେ ଭାଙ୍ଗିଦେଇ ପାରିବ ।

ବର୍ତ୍ତମାନ ମାଲଦ୍ୱୀପ ଉପରେ ରାଜନୀତିକ ଓ ରଣନୀତିକ ସୁବିଧା ହାସଲ କରି ଚୀନ୍ ଭାରତ ମହାସାଗରରେ ନିଜର ସ୍ଥିତିକୁ ବହୁଗୁଣିତ କରିଛି । ଏହି କାରଣରୁ ଚୀନ୍‌ର ରଣନୀତିକ ଚାପ ଭାରତ ଉପରେ ରହିବ । ମାଲଦ୍ୱୀପ ଦ୍ୱୀପପୁଞ୍ଜରେ ଚୀନ୍ ନୌସେନାର ଯେକୌଣସି ନିୟୋଜନ ଭାରତର ପଶ୍ଚିମ ଓ ଦକ୍ଷିଣ ଉପକୂଳରେ ସୁରକ୍ଷା ବିପଦକୁ ଆହୁରି ଗଭୀର କରିପାରେ । ଏସବୁ ଦୃଷ୍ଟିରୁ ବିଚାର କଲେ ଭାରତକୁ ଚୀନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ହେବ । ମାଲଦ୍ୱୀପରେ ଚୀନ୍ ର ଅଦୃଶ୍ୟ ରଣସଜ୍ଜା ଓ ରଣକୌଶଳ ପ୍ରତି ଭାରତ ସଜାଗ ରହିବା ଜରୁରୀ ମନେ ହୁଏ । କାରଣ ଚୀନ୍ କୁ ବିଶ୍ୱାସ କରିବା ଠିକ୍ ନୁହେଁ...!!!

ଅଧକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪୭୫

# ଜ୍ଞାନ ବିକାଶର ମାଧ୍ୟମ



## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଶିକ୍ଷା ପାଇଁ ଚତୁର୍ଦ୍ଦିଗେ ଗ୍ରହଣୀୟ ସବୁ କିଛି ଇଶ୍ୱର ପ୍ରଦତ୍ତ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ ଅଛି ପୃଥିବୀ ପବନ ଅନଳ, ଉର୍ଦ୍ଧ୍ୱରେ ଯେ ଆକାଶ ମଣ୍ଡଳ...। ବର୍ତ୍ତମାନ ଶିକ୍ଷା'ର ଚଳମାନ ବ୍ୟବସ୍ଥା ପ୍ରସାରିତ ହୋଇ ଚାଲିଛି। ଶିକ୍ଷାର କ୍ଷେତ୍ର ବଢ଼ି ଚାଲିଚି, ଆଗକୁ ଆଗକୁ ନୂଆ ନୂଆ କ୍ଷେତ୍ର ଖୋଲି ଯାଉଛନ୍ତି। ଶ୍ରେଣୀଗୃହ ଶିକ୍ଷା ଏବଂ ଦୂରଶିକ୍ଷା ହେଉଛି ଦୁଇଟି କୌଶଳ ଯାହା ବର୍ତ୍ତମାନ ର ବିଷୟବସ୍ତୁ। ଏହି ଲେଖାରେ ଆମେ ଏହି ଦୁଇଟି ପଦ୍ଧତିର ଫାଇଦା ଏବଂ କ୍ଷତି ବିଷୟରେ ସଂକ୍ଷିପ୍ତ ଭାବରେ ଆଲୋକପାତ କରିବା । ଶିକ୍ଷା ଜଣେ ବ୍ୟକ୍ତିଙ୍କ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଲୋକମାନେ ଏହାକୁ ଗ୍ରହଣ କରନ୍ତି ଏବଂ ସେଥିପାଇଁ ବହୁତ ସମୟ ନେଇ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ସ୍କୁଲରେ ନାମ ଲେଖାଇବେ, କେଉଁ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇବାକୁ ଚାହୁଁଛନ୍ତି, କେଉଁ ପ୍ରକାର ପାଠ୍ୟକ୍ରମ ପିଲାମାନଙ୍କ ପାଇଁ ଲାଭଦାୟକ ଇତ୍ୟାଦି ଇତ୍ୟାଦି । ବ୍ୟକ୍ତି ଜଣକ ଶିଖିବା ପାଇଁ ପ୍ରକୃତ କ୍ଷେତ୍ର ଚୟନ କରେ, ଏଥିପାଇଁ ଶିକ୍ଷା ପଦ୍ଧତି ମଧ ଗୁରୁତ୍ୱପୂର୍ଣ୍ଣ। ଶ୍ରେଣୀ ଗୃହ ଶିକ୍ଷା ଏବଂ ଦୂରଶିକ୍ଷା ହେଉଛି ଶିକ୍ଷା ବ୍ୟବସ୍ଥାର ଦୁଇଟି ଶ୍ରେଣୀ ଯାହାର ନିଜସ୍ୱ ଫାଇଦା ଏବଂ ଅସୁବିଧା ଅଛି। ତେବେ ସେଗୁଡ଼ିକୁ ଦେଖିବା ପୂର୍ବରୁ ଆମକୁ ଉଭୟ ଶିକ୍ଷଣ ପଦ୍ଧତିକୁ ବୁଝିବାକୁ ପଡ଼ିବ। ଅନଲାଇନ ଶିକ୍ଷା, ହୋମ ଲର୍ଣ୍ଣିଂ, ଇ-ଲର୍ଣ୍ଣିଂ ସବୁକୁ ଦୂରଶିକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଛି । ଶ୍ରେଣୀଗୃହ ଶିକ୍ଷା ହେଉଛି ଶିକ୍ଷାଦାନର ଏକ ଶ୍ରେଣୀଗୃହ ପଦ୍ଧତି ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରେ ଏକୀକୃତ କରାଯାଏ ଏବଂ ଜଣେ ଶିକ୍ଷକ ସେମାନଙ୍କୁ ଶିକ୍ଷା ଦିଅନ୍ତି । ଆମେ ସମସ୍ତେ ଶ୍ରେଣୀଗୃହ ବିଷୟରେ ଭଲ ଭାବରେ ଅବଗତ ଅଛନ୍ତି କାରଣ ଆମ ମଧ୍ୟରୁ ଅଧିକାଂଶ ଶ୍ରେଣୀଗୃହ ଶିକ୍ଷା ମାଧ୍ୟମରେ ଆମର ମୌଳିକ ଶିକ୍ଷା ପାଇଛୁ। ଇଣ୍ଟରନେଟର ଆବିଷ୍କାର ପରେ କ୍ଲାସରୁମ୍ ଶିକ୍ଷା ଓ ଦୂରଶିକ୍ଷା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଦୂରଶିକ୍ଷା ପାଠ୍ୟକ୍ରମରେ ଘରେ ବସି ପାଠପଢ଼ା, ଚିଠି ପାଠ୍ୟକ୍ରମ, ଇ-ଲର୍ଣ୍ଣିଂ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ହେଉଛି ଏକ ପ୍ରକାର ଶିକ୍ଷା ବ୍ୟବସ୍ଥା ଯେଉଁଠାରେ ଛାତ୍ର ଏବଂ ଶିକ୍ଷକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦ୍ୱାରା ବିଭକ୍ତ କରାଯାଏ। ଶ୍ରେଣୀଗୃହ ଶିକ୍ଷା ହେଉଛି ଯାହା ମାଧ୍ୟମରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଗୋଟିଏ ଛାତ ତଳେ କାମ କରନ୍ତି । ଆଜିର ଯୁଗରେ ଆପଣ ଶ୍ରେଣୀ ଗୃହ ଶିକ୍ଷା ଏବଂ ଦୂର ଶିକ୍ଷା ମଧ୍ୟରୁ ଚୟନ କରିପାରିବେ। ଏହାବ୍ୟତୀତ ଶିକ୍ଷା ବ୍ୟବସ୍ଥାର ଚୟନ ବିଦ୍ୟାର୍ଥୀର ଆବଶ୍ୟକତା ଉପରେ ଅଧିକ ନିର୍ଭର କରେ । ଶ୍ରେଣୀଗୃହରେ ଶିକ୍ଷାଦାନ ଦ୍ୱାରା , ବିଭିନ୍ନ ବିଷୟ ସହିତ ସିଧାସଳଖ ଯୋଗାଯୋଗର ସୁବିଧା ମିଳିଥାଏ ।ଛାତ୍ରଛାତ୍ରୀଙ୍କ ସାଧାରଣ ବିକାଶ ସମ୍ପର୍କରେ ବ୍ୟାପକ ପରିଚୟ ପ୍ରଦାନ କରିଥାଏ। କ୍ଲାସରୁମ୍ ଶିକ୍ଷା ଏକ ପରିବେଶ ପ୍ରଦାନ କରେ ଯେଉଁଥିରେ ବିବିଧତା ମଧ୍ୟରେ ଗୋଷ୍ଠୀ ଅଧ୍ୟୟନ, ବିଚାର ବିମର୍ଶ ବୈଠକ ଏବଂ ଉପସ୍ଥାପନା ସବୁ ଗୋଷ୍ଠୀ କାର୍ଯ୍ୟକଳାପ। ବୃତ୍ତିଗତ କ୍ଷେତ୍ରରେ ପ୍ରବେଶ କରିବା ସମୟରେ ଏହା ଆତ୍ମବିଶ୍ୱାସ ବଢ଼ାଇବା ସହ ବିଦ୍ୟାର୍ଥୀକୁ ଅଧିକ ଦକ୍ଷ କରିବାରେ ସହାୟକ ହୋଇଥାଏ। ଶ୍ରେଣୀଗୃହରେ ଶିକ୍ଷଣର କିଛି ତ୍ରୁଟି ମଧ ଅଛି ଯେପରିକି ସୀମିତ ପାଠ୍ୟକ୍ରମ ଯାହା ଶିକ୍ଷଣକୁ ସୀମିତ କରେ, ଶ୍ରେଣୀଗୃହ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ଯାହା ଚାପ ସୃଷ୍ଟି କରେ ଏବଂ ଚାପ ସ୍ତର କୁ ବଢାଇପାରେ ।ଦୂରଶିକ୍ଷା ପାଠ୍ୟକ୍ରମରେ ସୂଚନା ଏବଂ ଜ୍ଞାନର ଏକ ବିଶାଳ ପରିସର ଅଛି ଏବଂ ଏହା କେବଳ ଶିକ୍ଷକମାନଙ୍କ ମଧ୍ୟରେ ସୀମିତ ନୁହେଁ। ସମୟ ସଞ୍ଚୟ କରିବା ସହ ଛାତ୍ରଛାତ୍ରୀଙ୍କୁ ସେହି ପରିବେଶରେ କାମ କରିବାକୁ ଉତ୍ସାହିତ କରେ ।ସେମାନଙ୍କ ପାଇଁ ଅଧ୍ୟୟନ ର ଆରାମଦାୟକ ସୁବିଧା ପ୍ରଦାନ କରେ। ଛାତ୍ରମାନେ ନିଜ ଗତିରେ ଶିଖିବା ଏବଂ ଅଧ୍ୟୟନ କରିବାର ସୁଯୋଗ ପାଆନ୍ତି ଏବଂ ଏହା ବିଷୟଗୁଡ଼ିକୁ ସରଳ କରିବା ପାଇଁ କିଛି ଅତିରିକ୍ତ ସମୟ ପ୍ରଦାନ କରେ। ମୋବାଇଲ୍ ଟେକ୍ନୋଲୋଜିର ଉନ୍ନତି ସହିତ, ଛାତ୍ରଛାତ୍ରୀମାନେ ଅନଲାଇନ୍ ପରି ବିଭିନ୍ନ ମାଧ୍ୟମରେ ଯେପରି ପରୀକ୍ଷା, ଅନଲାଇନ୍ ଲାଇବ୍ରେରୀ, ପ୍ରଫେସରଙ୍କ ସହ ଚାଟିଂ, କ୍ୱିଜ୍ ଇତ୍ୟାଦି ବ୍ୟବହାର କରିପାରିବେ। ଦୂରଶିକ୍ଷାର କିଛି ଅସୁବିଧା ଅଛି ଯେପରିକି ଶିକ୍ଷକଙ୍କ ଅନୁପସ୍ଥିତି ଯାହା ଶିକ୍ଷଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଶାସିତ କରିଥାଏ।

ଏଥିସହ ଏଠାରେ ସାମାଜିକ ଯୋଗାଯୋଗର ବୈଶିଷ୍ଟ୍ୟ ମଧ ହଜିଯାଇଛି। ଦୂରଶିକ୍ଷାରେ ଛାତ୍ରଙ୍କ ବ୍ୟକ୍ତିତ୍ୱ ଓ ନିଜସ୍ୱ ପ୍ରତିଭା ଦିଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଶ୍ରେଣୀଗୃହ ଶିକ୍ଷାରେ ମିଳିଥାଏ। ଏହାବ୍ୟତୀତ ଭାଷା, ଆଚରଣ ଇତ୍ୟାଦି ଦୃଷ୍ଟିରୁ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ମୂଲ୍ୟାୟନ ଆବଶ୍ୟକ, ଯାହା କେବଳ ଶ୍ରେଣୀଗୃହ ଶିକ୍ଷଣରେ ହୋଇପାରିବ । ଯେତେବେଳେ କାର୍ଯ୍ୟକ୍ରମ ଅନୁସରଣ କରୁଥିବା ବିଦ୍ୟାର୍ଥୀ କୌଣସି ପ୍ରକାର ଚାକିରି ସହିତ ଜଡିତ ହୁଅନ୍ତି ସେତେବେଳେ ଦୂରଶିକ୍ଷା କାର୍ଯ୍ୟକ୍ରମ ସବୁଠାରୁ ସହାୟକ ହୋଇଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ



### ଭିଡ଼ ମଧ୍ୟରେ

ବିବୁଲ ମହାକୁର

ସହସ୍ର ପାଦ ଚତୁର୍ଦ୍ଦିଗରେ
ଖରା-ବର୍ଷା-ଶୀତରେ
ଚାଲିଗଲା ପରେ
ଆଜି ଭିଡ଼ ମଧ୍ୟରେ ନିଃସଙ୍ଗ ରାସ୍ତା
ଭିନ୍ନ ଠିକଣାରେ
ବନ୍ଧୁତା ଓ ଶତ୍ରୁତା ଠୁ ବହୁ ଉର୍ଦ୍ଧ୍ୱରେ।

ପଦଧୂଳିରେ ଖୋଜେ ଆତ୍ମୀୟତା
ଭଙ୍ଗା ସମ୍ପର୍କର
ଇଟା-ବାଲି-ଛପରରେ,
ଖୋଜିବୁଲେ ଯାଯାବର ପରି
କୁମ୍ଭାର ଚକରେ ଚକଟା
ଭିନ୍ନ ଦୁନିଆର ମାଟି-ପାଣିରେ ଗଢ଼ା
ଅଜଣା ରାସାୟନିକ ସମ୍ପର୍କକୁ।

ପ୍ରେମଚନ୍ଦଙ୍କ 'କଫନ୍' କାହାଣୀର
ପ୍ରସବ ବେଦନାରେ ପ୍ରପୀଡ଼ିତ
ବୁଧିଆ ପରି
ଆଜି ମୃତ୍ୟୁମାଗେ ଦୁନିଆ ଦାଣ୍ଡରେ
ଅସହାୟ ସଂପର୍କରେ
ନିର୍ମାଣର ଭିନ୍ନ ଏକ ସ୍ୱପ୍ନ ନେଇ।

ଆଧୁନିକୀକରଣର ଧୂଆଁ ଓ ଧୂଳିରେ
ଆଜି ଜୀବନ ରାସ୍ତା ନିଃସଙ୍ଗ
ଶହଶହ ପଦଚାରୀଙ୍କ ଭିଡ଼ରେ
ଆଶା ! କିଏବା ଆବୋରି ଦେବ
ଆହା ! ଶବଦ ପଦକରେ
ଛିଞ୍ଚିଦେବ ନିଜତ୍ୱର ସ୍ୱେଦ ବିନ୍ଦୁଟିଏ।

ହୁଏତ ଏ ସ୍ୱେଦ ହେଇପାରେ
ଜୀବନର ଆଉ ଗୋଟେ ଦଶନ୍ଧି
ହେଇପାରେ ଏକ ପ୍ରତିଶ୍ରୁତି
ଗୋଟେ ଦିଗବଳୟକୁ ଯୋଡ଼ିବାର
ଅନ୍ୟ ଏକ ଦିଗବଳୟ ସହ।

+ବୁର୍ଡ଼ା, ଲୋଇସିଂହା, ବଲାଙ୍ଗୀର
ମୋ. : ୮୨୪୯୭୦୨୨୫୨

### ଋତୁପ୍ରଭା

ନିରଞ୍ଜନ ସାହୁ



ଗ୍ରୀଷମ କାଳରେ ତୁମେ ମନେପଡ଼
ବରଗଛ ଛାଇ ଦେଖିଲେ
ବୈଶାଖ ସଞ୍ଜରେ , ରଜ ମଉଜରେ
ପ୍ରେମର କବିତା ଲେଖିଲେ ।

ବରଷା କାଳରେ ତୁମ ସ୍ମୃତି ଆସେ
କଦମ୍ବ କୁସୁମ ଫୁଟିଲେ
ବରଷା ବିରହ ଋତୁ ପାଲଟିକି
ତୁମେ ଭାବନାରେ ଜୁଟିଲେ
ଶରତ ସମୟେ ତୁମ ସ୍ମୃତି ଫେରେ
ଜହ୍ନ ବାଦଲକୁ ଛେକିଲେ ।

ହେମନ୍ତ କାଳରେ
ହେମାଳ ହୋଇଲେ
ତୁମ ସ୍ମୃତି ମନେ ଜାଗଇ
କଅଁଳ ଖରାର ପରଶ ମିଳିଲେ
ତୁମ ଛୁଆଁ ପରି ଲାଗଇ
ଶୀତ ସଞ୍ଜ ଗଡିଗଲେ ମନେପଡ଼
ପତ୍ନୀ ଯେବେ ରୁଟି ସେକିଲେ ।

ଆସିଲେ ବସନ୍ତ ହୁଏ ହନ୍ତସନ୍ତ
ତୁମ ମୁହଁ ମୋତେ ଦିଶଇ
ଭାରି କଷ୍ଟଲାଗେ ଦେଖିଦିଏ ଯେବେ
କଳି ସାଥେ ଅଳି ମିଶଇ
ଜୀବନରେ ଶାନ୍ତି ମିଳେନା କଦାପି
ପ୍ରଭୁ ପାଶେ ହାତ ଟେକିଲେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ :୯୯୩୮୭୪୧୫୮୩

### ।। ଭାଷଣରେ ଆମ ଚାଲିଛି ଦେଶ ।।

ଦିଲ୍ଲୀପ କୁମାର ସାହୁ



ଗପ ଆରମ୍ଭରୁ କାହାଣୀ ଶେଷ
କଥାରେ ଅମୃତ କାମରେ ବିଷ।
ଅଲୁରା ଗଣ୍ଠି ରେ ହୁଗୁଳା ଫାସ
ମହକ ନଥାଇ ଚହଟେ ବାସ ।
ଶୁଖିଲା ଓଠରେ ନୁଖୁରା ହସ
ରଙ୍ଗ ଧୋଇଯାଏ ଛାଡେନି କଷ ।
ପାଚିଲା ବାଳକୁ ରଙ୍ଗିଲା ନିଶ
ଦୋଷୀ ବୁଝାଉଛି କରନି ଦୋଷ ।
ପାଣି କହୁଅଛି ହେଉଛି ଶେଷ
ସିରା ବୋହୁଅଛି ନାହିଁ ତ ରସ ।
ଡାଲୁଅ ଜମିରେ ଶାରଦ ଘାସ
କଣ୍ଟା ହେଉଅଛି ଫୁଲରେ ବେଶ ।
ବରଷ ସରୁଛି ସରୁନି ମାସ
ବିବେକ ପାଲଟେ ମନର ଦାସ।
କାଗଜ କଲମେ ହେଉଛି ଚାଷ
ଭାଷଣରେ ଆମ ଚାଲିଛି ଦେଶ ।

+ ଶଙ୍କରପୁର, ଚାରବାଟିଆ
ମୋ ୭୦୭୭୨୦୬୯୭୭

### ।। ଭାଙ୍ଗିଯାଏ କେତେ ଘର ।।

ଜୟନ୍ତ କୁମାର ମଲ୍ଲିକ୍



ମାଟି ଚୁଲି ରନ୍ଧା ଭାରି ସୁଆଦିଆ
ସପନ ଲାଗଇ ଆଜି
ଜାଳ ଜାଳିବାକୁ ଘରଣୀ ମାନେତ
ନହୁଅନ୍ତି ଆଉ ରାଜି ।
ବାଡ଼ି ପରିବା ଯେ ଖୋଜିଲେ ମିଳୁନି
ହେଉନାହିଁ ମୁଗ ବିରି
ବିରିୟାନି ଏବେ ଭୋଜିରେ ମିଳୁଛି
ମିଳୁନି ଖିଚିଡ଼ି କ୍ଷୀରି ।
ବାଡ଼ି ବଗିଚାରେ ଆଉ ଦିଶୁନାହିଁ
ଉପକାରୀ ଗଛଲତା
ପଖିଆର ପର ଉଇ ଖାଇଲାଣି
ଘରେ ଘରେ ଏବେ ଛତା ।
ଥିଲା ଦିନେ ଯନ୍ତ ଏବେ ଖାଏ ଖତ
ମଟର ମଡ଼ାଏ ପାଣି
ଖଣ୍ଟି ଇଙ୍ଗରାଜି ଚୋବାଉଛି ଦେଖ
ଅପାଠୋଇ ଚାକରାଣୀ ।
କାହାଣୀ ମୁଣିକୁ ନେଇଛି ଚୋରାଇ
ଟିଭି ଡାହାଣୀଟା ଆସି
ଗାଆଁ ଭୋଜିରେ ବି
ବଫେର ବ୍ୟବସ୍ଥା
ହଣାଯାଏ ଖାଲି ଖାସି ।
ନାହିଁ ଆଉ ଏଠି ଭାଇଚାରା ଭାବ
ସରବେ ଯେ ସ୍ୱାର୍ଥପର
ପରଲୋକଙ୍କର ମନ୍ଦ ମନ୍ତ୍ରଣାରେ
ଭାଙ୍ଗିଯାଏ କେତେ ଘର ।

+ଶୁରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

## ଦେହ ଲାଗେ ଦାହ ଘାତ

### ତାରାପ୍ରସାଦ ଜେନା



ଦୁଃଖ ସାହାନାଇ ଥରି ଥରି ବାଜେ
ଦେହ ଲାଗେ ଦାହ ଘାତ
ପାଣିଗାର ପ୍ରେମ ସ୍ୱପ୍ନ ଧୋଇନେଲା
ମନ ତଳେ ସଜ କ୍ଷତ
ଦୁଃଖ ସାହାନାଇ ଥରି ଥରି ବାଜେ.....।

ଆଖି ତୋଳି ଟିକେ ଦେଖିଲନି ବାରେ
ବୁଡ଼ାଇଲ ମୋତେ ଲୁହ
ଭରା ଯଉବନ ସରିଯିବ ପଛେ
ଉଜୁଡ଼ିଲା ସାରା ସ୍ନେହ,
ଅନୁଭବ ଆଉ ଗଉରବ ନୁହେଁ
ଭରସାର ଶୂନ୍ୟ ଛାତ
ଦୁଃଖ ସାହାନାଇ ଥରି ଥରି ବାଜେ.....।

ଅଧା ଭାବ ପୁଣି ଆଶା ବାନ୍ଧି ରଚେ
ତୁମ ରୂପ ରଙ୍ଗ ଛବି
ସୁଖ ଛାଇ ସତେ ଛୁଇଁଦେବ କାଳେ
ସାଥି ପାଇଁ ବଡ଼ ଦାବି,
ବୁଝିବାରେ ହେଳା କରନାହିଁ ଜମା
ଧରିନିଅ ମୋର ହାତ
ଦୁଃଖ ସାହାନାଇ ଥରି ଥରି ବାଜେ.....।

ଦୁନିଆର ଯାତ୍ରା ଅଭିନୟ ପରି
ଦିଅ ନାହିଁ ମିଛ ରାଣ
ଭୟ ହତାଶରେ ଛାଡ଼ି ଦେଇଗଲେ
ଏଇ ହେବ ପାପ ପଣ,
ଭାବିଦେଲେ ସବୁ ମୁଣ୍ଡ ଗୋଳମାଳ
ଜାଣୁନାହିଁ କଞ୍ଚା ସତ
ଦୁଃଖ ସାହାନାଇ ଥରି ଥରି ବାଜେ.....।


ସା.-ରଣପୁର(ଗୋଡ଼ିପାଟଣା ସାହି),
ଡାକ- ରାଜ ରଣପୁର, ଜିଲ୍ଲା- ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦


## ବିଶ୍ୱାସର ଅପମୃତ୍ୟୁ

### ସ୍ୱର୍ଣ୍ଣମୟୀ ଷଡଙ୍ଗୀ



ଏଇତ ଆଜି ସକାଳର ନୀରବ କ୍ଷଣରେ
ସମୟର ଚକତଳେ ଚାପିହୋଇ
ବିଶ୍ୱାସର ଅପମୃତ୍ୟୁ ହେଲା,
ଇତିହାସ ଲିପିବଦ୍ଧ କଲା
ସେ ମୃତ୍ୟୁର କରୁଣ କାହାଣୀ ।

ସତେ କେତେ ଲୋମହର୍ଷଣକାରୀ
ମର୍ମନ୍ତୁଦ ସେ ଘଟଣା
ଖଣ୍ଡ ଖଣ୍ଡ ଅବୟବ ଛିଟିକି
ପଡ଼ିଥିଲା ଏଣେତେଣେ
ରକ୍ତର ନଦୀ ବହୁଥିଲା
ଡାହଳ କୁକୁର ବେଢ଼ି ଯାଇଥିଲେ
ଉଦରସ୍ଥ କରିବାକୁ ଟୁକୁରା ମାଂସ ଖଣ୍ଡ ।

ଜଳ ଜଳ ଚାହିଁ ରହିଥିଲେ
ଦେଖଣାହାରୀମାନେ,
କଣସବୁ ଫୁସୁରୁ ଫାସର ହେଉଥିଲେ,
ଭଲହେଲା ଚାଲିଗଲା
କିଏ ତାକୁ ଖୋଜୁଛି ଯେ,
କାହା ଆଖିରୁ ଝରୁଛି କି ବୁନ୍ଦାଏ ଲୁହ
ତା ପାଇଁ ।

ଆଖିରୁ ତ ଝଲସୁଛି
ଅବିଶ୍ୱାସର ଚିକ୍ ଚିକ୍ ଅଗ୍ନି କଣିକା
ସେ ଅଗ୍ନି ଗ୍ରାସି ଯାଉଛି ଜଳ ପାତାଳ ଆକାଶ
ହୃଦୟରୁ ଝରୁଛି ଈର୍ଷା ଆଉ ଅସହିଷ୍ଣୁର ଝରଣା
ପ୍ରତିଯୋଗୀତାରେ ଜିତିବା ଏକମାତ୍ର ଅଭିପ୍ସା
ସେଥିପାଇଁ ବାରମ୍ୱାର ରୂପ ବଦଳୁଛି
ବଦଳୁଛି ଦେହର ରଙ୍ଗ,
କେଉଁଠି ନା କେଉଁଠି କପଟ ପଶାର
କ୍ରୁର ଅଭିସନ୍ଧି ରଚୁଛନ୍ତି ଶକୁନିମାନେ
ମୁହୂର୍ତ୍ତ ମାନଙ୍କର ରେଖାଙ୍କିତ ଉଦ୍ ବେଳିତ
ପାପୁଲି ଉପରେ ।


♥ଶିକ୍ଷୟତ୍ରୀ ମୁନିସିପାଲିଟି ହାଇସ୍କୁଲ,
କେନ୍ଦ୍ରାପଡ଼ା


## ॥ ସବୁ ସେମିତି ଥିବ ॥



### ଶରତ କୁମାର ଦାସ

ସବୁ ସେମିତି ଥିବ
ଘରର ମେଜ, କୁର୍ସି, ବହି, ଖାତା
ଖଟ, ଆଲମିରା ସବୁକିଛି
ଫ୍ୟାନ ବୁଲୁଥିବ ତା ନିଜସ୍ୱ ବାଗରେ
ବାର ଲାଇଟ ତଳେ ଝିଟିପିଟି ଟିଏ
ଶିକାର ପାଇଁ ଅପେକ୍ଷାରେ ଥିବ
ଅନେକ ଦିନ ତଳୁ ଜୋତା ଷ୍ଟାଣ୍ଡରେ
ଅଳନ୍ଧୁ ଜମି ଆସିଥିବ
ଘରର ଝର୍କା ରେଲିଂ ଦେଇ
ମେଞ୍ଚାମେଞ୍ଚା ଧୂଳିକଣା ଆତଯାତ ହଉଥିବ

ଦର୍ପଣ ସାମ୍ନାରେ
ମତେ ଗପିବାକୁ ପଡୁଥିବ ଏକାଏକା
ମୋ ପ୍ରତିବିମ୍ବ ସାଥେ
ଅସହଜ ଲାଗିଲେ ବି
କିଛି ଅନ୍ୟମନସ୍କତା ସହ
କଫି ପିଇବାକୁ ପଡୁଥିବ
ଏ ବର୍ଷ ନିର୍ବାଚନର ଫଳାଫଳ
ଓ ଜଳବାୟୁ ପରିବର୍ତ୍ତନର ଗୁଢ ରହସ୍ୟ ପରି
କିଛି ସମାଚାର ଆଲିଙ୍ଗନ କରୁଥିବେ ମତେ
ଦୂରଦର୍ଶନ ଓ ଦୈନିକ ସମ୍ବାଦ ପତ୍ରରେ
କୋହିଲିଙ୍କ ବିସ୍ଫୋରକ ଶତକ
ବେଶ ଚର୍ଚ୍ଚାର ବିଷୟ ପାଲଟିଥିବ
ଲାଇଟ ପୋଷ୍ଟ ତଳେ ଡେରା ପକେଇଥିବା
କୁକୁର ମାନେ ଅଯଥାରେ ଭୁକୁଥିବେ
ମତେ ଚୋର ବୋଲି ସନ୍ଦେହ କରି...

ତଥାପି, ନିରବ ମୁଦ୍ରାରେ ଥାଇ
ମୋ ଅସହାୟ ପଣ
କାଳରାତ୍ରିକୁ ଟିକ ଟିକ କାଟି ଚାଲିଥିବ
ଆତ୍ମୀୟତାର ଧୂରୀଣ ସୈନିକ ମାନେ
ମୋ ଅଜାଣତେ ପଛଘୁଞ୍ଚା ଦେଇସାରିଥିବେ
ସଫେଦ ସକାଳର ଆଲୋକରେ
ମୋ ତମାମ ଜୀବନର ଅବଶୋଷ
ଖଣ୍ଡ ଖଣ୍ଡ ବରଫରେ ରୂପାନ୍ତରିତ ହୋଇ
ତରଳିବା ଆରମ୍ଭ କରିଥିବେ

ତେବେ, ମୋ ପ୍ରିୟ ବସ୍ତୁ ମାନଙ୍କ ପରି
ସବୁ ସେମିତି ଥିଲେବି
ଏକ ଅପରିବର୍ତ୍ତିତ ଧାରାର ପରିବର୍ତ୍ତନ
ମତେ ସମ୍ମୋହନ କରୁଥିବ ।


♥ପାଲୁର ବଙ୍ଗଳା, ଘର ନମ୍ବର-୨୬
ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫


## ପଛକୁ ପଛ

### ପୁଷ୍ପାଞ୍ଜଳି ପଣ୍ଡା



ବଦଳୁଥିବା ସମୟକୁ
ସଭିଏଁ ଦେଖୁଁ ଥିଲା ବେଳେ
ପଛକୁ ପଛ ଯୋଡ଼ି ହେଉଥାଏ
ଅଭାବିତ 'ଆଃ'...!
ଆଃ ! ଫେରନ୍ତା କି
ସେହିସବୁ ଦିନ ଆଉ ସେହିସବୁ ରାତି
ମନ ତଳେ କଥା ଯାହା ଥାଏ ଅସରନ୍ତି ।

ଏମିତି ହୁଅନ୍ତା କି
ଚାହିଁବା ମାତ୍ରେ ସମୟ
ରହିଯାନ୍ତା ଏ ହାତ ମୁଠାରେ
ଫେରିବାର ବାଟ ଭୁଲି ଯାଇ।

ଯେତେ ସବୁ ସୁଖର ସପନ
ଅଳପ ଅଳପ ହେଉପଛେ
ଆଉଥରେ ଦେଖନ୍ତା ଏ ଆଖି
ସମୟ ଯାହାର ସବୁକାଳେ ସାକ୍ଷୀ ।

ହୁଏତ ସମୁଦ୍ରେ ବିଶ୍ୱାସରେ
ସମ୍ପର୍କଟା ଦୌଡ଼ୁଅଛି
କ୍ଷୟିଷ୍ଣୁ ଏ ପୃଥିବୀ ପୃଷ୍ଠରେ।

ପଛକୁ ପଛ ଦୁଃଖ ସହ
ନିର୍ଦ୍ଧାରିତ ନିୟତି ବି ଆସୁଅଛି
ହସି ହସି ତା ନିଜ ଢଙ୍ଗରେ।
ନୂଆ କିଛି ହୁଏତ ହେଇପାରେ...!
ଶେଷ ପର୍ଯ୍ୟାୟରେ ପହଞ୍ଚିବା ପରେ
ଆରମ୍ଭ ହେବାକୁ ଥିବା
ନୂତନ ଅଧ୍ୟାୟକୁ
ବଦଳାଇ ଦେଇପାରେ
ଯୋଡି ପାରେ ଖୁସୀ ସହ ଖୁସୀ
ସବୁକିଛି ତ ତା ଇଛାରେ
ପଛକୁ ପଛ ଆସୁଥାଏ
ସବୁ ସମୟରେ ।


♥ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା


## ମୋ ଗାଁ ଓ ବୋଉ

### ଡାଃ ମନୋରଞ୍ଜନ ଦାଶ



ପିଲାବେଳର କବାଡି ଓ
ବୋହୂଚୋରୀ ଖେଳ,
ଭାରି ମନେ ପଡୁଚି ଏବେ....
ବୋଉର ହାତରନ୍ଧା ତରକାରୀ,
ଚକୁଳି ପିଠା, ପଖାଳ ଭାତ,
ଚୂଲିରେ ଆଳୁ ପୋଡ଼ା ଓ ବଡ଼ିଚୂରା,
ଏବେ ସାତ ସପନ ମୋ ପାଇଁ ।

ଏବେ ବାର୍ଦ୍ଧକ୍ୟ ସ୍ପର୍ଶ କରିଚି,
ମୋ ଶରୀର, ମନ ଓ ପ୍ରାଣକୁ...
ଗାଁ ଦାଣ୍ଡରେ ଚାଲିଗଲେ ଏବେ,
ସେଇ ଅତୀତର ସ୍ମୃତି
ବିଭୋର କରେ,
ମୋତେ ବାରମ୍ୱାର।

ଗାଁ ଓ ବୋଉ ଭଳି
ଆଉ ଅଛି କି କିଏ ଓ
କେଉଁଠି ଏଇ ଦୁନିଆରେ ?
ପବିତ୍ର ସେଇ ମାଟି ଓ
ଚିର ବନ୍ଦନୀୟା ବୋଉ ।
ସବୁକାଳ ।

ଯେତେ ଯାହା ସୁଖ, ସ୍ୱାଚ୍ଛନ୍ଦ୍ୟ ଭୋଗିଲେ ବି
ଗାଁର ସେଇ ଅତୀତର ସରଳ,
ଓ ଛଳଛଳପଣର ଜୀବନଚର୍ଯ୍ୟା
ମୋ ଚେତନାର ଚୌ।ହଦୀକୁ
ଆପ୍ଲୁତ କରି ରଖିଚି,
ଏବେ ବି....


♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ --୯୪୩୭୩୧୭୭୨୨


## ବସନ୍ତ ବେଳା

### ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ



ପାଦପ ପଳାଶ ବିଲୁପ୍ତ ବେଢ଼ାରେ
ବସନ୍ତ ଆସିବ କାହୁଁ,
ଆମ୍ବ ତୋଟା ସବୁ କଚକାଚ ହୋଇ
ହଜିଗଲେ ଚାହୁଁ ଚାହୁଁ ।

ନୀଡ଼ ଗଢ଼ି ବାକୁ ନିବିଡ଼ ବନାନୀ
ପକ୍ଷୀ ତ ପାଉନି ଆଉ,
କୋକିଳ ତ ଆଜି ଭୋକରେ ବିକଳ
କେମିତି କହିବ କୁହୁ ।

ହଳଦୀ ବସନ୍ତ ଲଭିଲାଣି ଅନ୍ତ
ବସନ୍ତ ଆସିବ କାହିଁ,
ମଳୟ ଗଲାଣି ହିମାଳୟ ଆଡେ
ଏସିର ବଳୟ ଛୁଇଁ ।

ଫଗୁଣର ନୀଳ ଅଗଣାରେ ଗଲେ
ବଉଦର କଳା ମୁହଁ,
ଅଦିନିଆ ବନ୍ଧୁ ଅତିଥି ନହୋଇ
ଖୋଜେ ତା'ର ଗର୍ଭ ଗୃହ ।

ନିଦାଘ ସଜାଗ ସ୍ୱାଗତ ସଦନେ
ଅନ୍ଦରେ ନୟନ ଢାଳି,
ସୁଯୋଗ ମିଳିଲେ ଗିଳି ଯିବ ସିଏ
ବସନ୍ତକୁ ବଣି ଭଳି ।

ପରିବେଶର ଉଷ୍ଣ କଡ଼େଇରେ
ବସୁଧା ହେଉଛି ଭାଜି,
ବସନ୍ତ ବସିଛି ଛିଣ୍ଡା ପୋଷାକ ରେ
ଆସିବାକୁ ସେ ଅରାଜି ।

ବାଡିରେ ରୋପିଲେ ଆମ୍ବ ପଳାଶ
କୃଷ୍ଣଚୂଡାର ଚାରା,
ଅର୍ଦ୍ଧ ଉଲଗ୍ନ ବସନ୍ତ ବାସିବ
ହୋଇଛି ଯେ ବାସ ହରା ।


♥ ରାଜଶ୍ରୀ ହୋମ୍, ବାମପଦା,
ବାଲେଶ୍ୱର
ମୋ) ୬୩୭୧୯୮୬୬୬୦


## ବସନ୍ତ ବିଳପେ ଗୀତେ 'କବିତା'

### ଗୀତାଞ୍ଜଳି କର



ଫଗୁଣର ଆଦ୍ୟ ଗନ୍ଧେ
ନବ ପଲ୍ଲବିତ ତରୁ ଶାଖା
ବିକଶିତ ପୁଷ୍ପରାଜି
ଆନ୍ଦୋଳିତ ଅନନ୍ୟ ଆବେଗେ
ଏଇତ ଋତୁରାଜ ବସନ୍ତର
ଅପୂର୍ବ ବିଭାବରୀ
ଆକାଶରୁ ଧରାଯାଏ...

ସତେ ମନ୍ତ୍ରାୟିତ
ପ୍ରକୃତିର ବିଚିତ୍ରାୟନ ବିଭବ ଅନବଦ୍ୟ
କଲ୍ଲୋଳିତ, ସେଇ ଲୀଳାମୟ ପାଦେ
ଅନନ୍ତରୁ ଅନନ୍ତ ଯାଏ...

ମୃଦୁ ମୃଦୁ ମଧୁଗନ୍ଧେ ପ୍ରେମିକ ଭ୍ରମର
ପ୍ରେମର ଲହଡି ଖେଳେ ଗୁଣୁ ଗୁଣୁ ତାନେ
ମାଧବୀ ଲତାର କୋଳେ
ମୁକୁରିତ ଆମ୍ର କୁଞ୍ଜେ କୋଇଲିର କୁହୁତାନେ
ଗୁଞ୍ଜରିତ ମନ ପ୍ରାଣେ ସୁକ୍ଷ୍ମ ବାର୍ତ୍ତା ଦିଏ
ଏକ ଦିବ୍ୟ ଆଭାସ
ଶ୍ରୀମତୀ ଶ୍ରୀପତି କରିବେ
ତ୍ରିଭୁବନେ ରାସ....

ସର୍ବ ସମ୍ଭାର ଯୁକ୍ତ ବସନ୍ତ
ଏବେ ବିଳପି କାନ୍ଦୁଛି
ବିଷାଦ ଭରା ମନେ ପଚାରୁଛି
କାହିଁ ଫଗୁଣର ରଙ୍ଗମୟ
ଆକାଶରେ କାଳିମା ଭରେ ମେଘର
ମହ୍ଲାରେ
ସୁଷମା ମଣ୍ଡିତ ଧରାବକ୍ଷ
ଛାରଖାର ହୁଏ ପ୍ରଳୟରେ
ତାତିର କାଳ ବୈଶାଖୀରେ....

କାହାର ଏଇ କ୍ରୁର ଦୃଷ୍ଟି
ନାଶ କରେ ତୁହା ତୁହା
ସବୁ ଋତୁମ୍ଭରକ୍ଷ ଐଶ୍ୱର୍ଯ୍ୟର
ତଥାପି ସ୍ମରଣ କରୁଛି ଶୂନ୍ୟଙ୍କୁ
ବସନ୍ତ ବିଳାପର ଗୀତେ
କୁହ ତୁମ ଆଉ ମୋ ମଧ୍ୟେ
ଦୂରତା, ପୃଥକତା, ଭିନ୍ନତାର
ପରିଣାମ କେତେ
କିନ୍ତୁ ତୁମ ଅନୁଗ୍ରହେ
ମିଳୁଥାଉ ସର୍ବ କୁଶଳର ଆଭା
ମୋର ଆଲିଙ୍ଗନେ....


♥ ଜଗତପୁର, କଟକ
ମୋ : ୭୦୦୮୯୪୭୫୨୬


## ଫୁଲ

### ଭରତ ଚନ୍ଦ୍ର ଦାଶ



ଫୁଲଟି ମୋ ପ୍ରୀତି ପରି ସ୍ନିଗ୍ଧ, କୋମଳ
ତା'ର ହୃଦୟଟିଏ ଅଛି
ଦେଖିଲେ ହସେ
ମୁଁ ହସିଲେ ସେ ମୁଣ୍ଡ ହଲାଏ, ନଇଁଯାଏ
ନମ୍ରତା ହିଁ ତା'ର ଭୂଷଣ
ଆପଣାର କରେ, ଭଲପାଏ
ସୁଗନ୍ଧରେ ହିଁ ସେ ବାର୍ତ୍ତା ପଠାଏ
ତାର ରୂପ ରଙ୍ଗ ଗୁଣ ଯୌବନରେ ହିଁ ତ
ମୋତେ ବାନ୍ଧିରଖିଛି
ଚିରକାଳ, କାଳରୁ କାଳାତୀତ ଯାଏ ।
ଅନନ୍ତର ପ୍ରତୀକ୍ଷା ତା' ପାଇଁ
ସିଏ ହସୁଥିଲେ ମୋ ଛାତି ଫୁଲିଉଠେ
ତା' ପତ୍ରର ସବୁଜିମା
ମୋ ପ୍ରାଣର ସୃଜନ ସ୍ୱପ୍ନ
ଟିକିଏ ଝାଉଁଳି ପଡିଲେ ମୋ ମୁହଁ
ଶୁଖିଯାଏ
ଏକ ଅନାକାଂକ୍ଷିତ ଆଶଙ୍କାରେ
ତାର ନବ ପଲ୍ଲବ ଉଦିତ ସୂର୍ଯ୍ୟର
ଅରୁଣିମାକୁ ନିନ୍ଦାକରେ
ଆକର୍ଷଣର ଏକ ସମ୍ମୋହନର ପ୍ରାଣକେନ୍ଦ୍ର
ଚାରାରୋପଣର ପ୍ରାୟ ଦୁଇଟି ବସନ୍ତ ପରେ
ଆଜି ତାର ଏ ମନଲୋଭା ପ୍ରସ୍ଫୁଟିତ ରୂପ ।

ଫୁଲ ଫୁଟିଲେ ସ୍ୱପ୍ନମାନେ ଉଙ୍କିମାରନ୍ତି
ମନରେ ପ୍ରାଣରେ ସୃଜନରେ
ଶବ୍ଦମାନେ ଉତୁରି ଆସନ୍ତି
ଚେତନାର ସରହଦ ଡେଇଁ କବିତା ରୂପରେ
ପ୍ରୀତି ରୂପକଳ୍ପ, ଚିତ୍ରକଳ୍ପ, ପ୍ରାଣର ସ୍ପନ୍ଦନ
ଚେତନାର ଅମୃତ ସ୍ପର୍ଶ
ମିଳନର ଦିବ୍ୟ ଉଚ୍ଚାରଣ ।


♥ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ସିମୁଳିଆ, ବାଲେଶ୍ୱର -୭୫୬୧୨୬
ମୋ: ୮୯୮୪୪୩୯୧୬୬




## ବିଶ୍ୱ ହେବ ମଧୁମୟ

### ପ୍ରଭାତ କୁମାର ଆଚାର୍ଯ୍ୟ

କପଟ ଅନ୍ଧାର ଭିତରେ
ସଂତ୍ରସ୍ତ ପୃଥିବୀର ନାଡି ଖୋଜିବାକୁ
ଇତସ୍ତତଃ ଶାଗୁଣା ଦଳ।
ଚତୁର୍ଦ୍ଦିଗକୁ ଲମ୍ବିଯାଇଛି
ବୁଢିଆଣୀ ଜାଲ ପରି ଷଡ଼ଯନ୍ତ୍ରର ପଞ୍ଝା ।
ସାଧୁ --ସାବଧାନ।
ଜୀବନ ବନ୍ଦୀ ଆଜି ଜତୁଗୃହ ଭିତରେ
କେବେବି ସ୍ଫୁଲିଙ୍ଗଟିଏ ଜାଳିଦେଇ ପାରେ!
ଏଇଠି ଜୀବନ, ମହାଭାରତ ଯୁଦ୍ଧଭୂଇଁଟିଏ
ଅନବରତ ଗୋଳା,କମାଣ,ବାରୁଦ
ଯୁଦ୍ଧର ଘନଘଟା ଶୁଭେ।
ଇତସ୍ତତଃ ମୃତଦେହ ବିଛେଇ ହୋଇଥାଏ।
ତା'ଭିତରେ ଡରିଡରି ଜୀବନ ବଞ୍ଚିଥାଏ
କେବେ ବି ବିଗୁଲ ବାଜିପାରେ
ତା'ପରେ ଆରମ୍ଭ ହୋଇଯିବ ଯୁଦ୍ଧ
ଓ ଧ୍ୱଂସର ରାସଲୀଳା।
ଏ ପୃଥିବୀଟା କେତେ ସୁନ୍ଦର
ତା'ଜଳ ସ୍ଥଳ, ଆକାଶ
ନଦୀ, ପାହାଡ, ପର୍ବତ
ପଶୁ, ପକ୍ଷୀ, ବୃକ୍ଷ, ଲତା
ଧନ୍ୟ ତୁମେ ସ୍ରଷ୍ଟା
କି ସୁନ୍ଦର ଗଢ଼ିଛ ଏ ଧରଣୀ ।
ନିଜ ସ୍ୱାର୍ଥ ପାଇଁ ଏ ମଣିଷ
ସବୁକିଛି କରୁଛି ଧ୍ୱଂସ
ନିଜ ନିଜ ଭିତରେ ବି ଚାଲିଛି ଲଢେଇ ।
କିନ୍ତୁ ଏ ଯୁଦ୍ଧ ସରିବାର ନୁହେଁ
ଯେ ପର୍ଯ୍ୟନ୍ତ ଅହଂର ଗଳି ଭିତରେ
ଜୀବନ ରାସ୍ତା ଖୋଜୁଥାଏ।
ରାସ୍ତା ପାଇଗଲେ, ସବୁଜାଗା ଆଲୋକିତ
ସବୁଆଡେ ଆନନ୍ଦ ହିଁ ଆନନ୍ଦ।
ଅହଂର ବାହାର ଦୁନିଆଁରେ
ଯୁଦ୍ଧ ନାହିଁ, ବଡ଼ ହେବାର ନିଶା ନାହିଁ,
ସବୁଆଡ଼େ ଶାନ୍ତି ବିରାଜିତ
ସେଇଠି ବିଶ୍ୱ ହେବ ମଧୁମୟ
ଜୀବନ ବି ହେବ ଅମୃତମୟ।


♥ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ,
ବାଲେଶ୍ୱର


## ରଂଗହୀନ ବସନ୍ତ

### ରାହାସ କୁମାର ବେହେରା



ରଂଗହୀନ ଏ ବସନ୍ତ
ଚାରିଆଡେ ଶୁଷ୍କ ମରୀଚିକା
ଜାଳି ପୋଡି ଦିଏ ମନ
ଭାଙ୍ଗିଯାଏ ମିଛ ଅହମିକା ।

ଅଛି ଫୁଲ ନାହିଁ ବାସ
ରୂପ ତାର ହୋଇଯାଏ ଚୋରି
ପ୍ରଜାପତି ଅଭିମାନେ
ଦେଖିଦେଇ ଯାଏ ପାଖୁ ଫେରି ।

କୋଇଲିକୁ ଲାଗେ ଡର
କୁହୁ କୁହୁ ଯାଇଛି ସେ ଭୁଲି
ଅଏସୋସେ ଢାଳେ ଲୁହ
ପ୍ରୀତି ପ୍ରିୟା କେଣେ ଗଲା ବୋଲି ।

ଶୁକ ଚଂଚୁ ପଳାଶରେ
ରଙ୍ଗ ଅଛି ନାହିଁ ଆକର୍ଷଣ
ଦେଖିଦେଲେ ପରିବେଶ
ପ୍ରାଣ ଥାଉ ହୁଅଇ ମରଣ ।

ସୋରିଷ ଫୁଲିଆ ଦେହ
ଫଗୁଖେଳେ ଫଗୁଣ ଡାକୁଛି
ହେଲେ ଏତେ ନୀରବତା
ଯେଣୁ ପ୍ରିୟ ଦୂରେଇ ଯାଇଛି ।

ଆମ୍ର କୁଞ୍ଜେ ବଉଳର
ସ୍ୱପ୍ନ ସବୁ ଆଜି ଚୁନା ଚୁନା
ସେଥିପାଇଁ କବି ପ୍ରାଣେ
ବିଭାବନା ପ୍ରୀତିର ଲାଞ୍ଛନା ।

କାହିଁକି ଏ ସ୍ମୃତି ବନେ
ଦାଉ ସାଧେ ସେହି ଚିତ୍ରକର
ଅସଜଡ଼ା ଲାଗେ ସୃଷ୍ଟି
କରେ ଏତେ ପାତର ଅନ୍ତର ।

ବସନ୍ତରେ ବାସନ୍ତୀ ଯେ
କେତେ ଦୂରେ ନାହିଁ ସଜବାଜ
ତେଣୁ ଅବର୍ଣ୍ଣିତ ଆଭା
ନିଷ୍ପେସିତ ଲାଗୁନି ମଉଜ ।

ମଧୁର ବଇଁଶୀ ସୁର
କେଳି କୁଞ୍ଜେ ବିରହର ଯାତ୍ରା
ଝୁରିମରେ ରାଧାରାଣୀ
ପ୍ରକୃତିକୁ ଦେଉଛି ବାରତା ।

ଏମିତି ହୁଅ ମୋ ସାଥି
ମଧୁକାଳ ଭଲପାଉ ମୋତେ
ବାଜିବ ତୂରୀ ମହୁରୀ
ମିଳିଯିବ ସୁଖ ସବୁ ଯେତେ ।


♥ବାଲ୍ୟମ୍ବା ,ଢେଙ୍କାନାଳ
ମୋ :୯୪୩୮୧୧୪୩୬୮


## ସ୍ତ୍ରୀଲୋକ

### ସୁଧାଂଶୁ ଦ୍ୱିବେଦୀ



ସ୍ତ୍ରୀ ଲୋକମାନେ
ବୁଦ୍ଧ ହେବାକୁ ପସନ୍ଦ କଲେନାହିଁ,
ଘୋର ତପସ୍ୟା କଲେ
ପ୍ରେମିକର ହସରେ ବ୍ରହ୍ମାଣ୍ଡ ଦେଖିଲେ,
ଘର-ପରିବାର ସମ୍ଭାଳିବାକୁ
ନିର୍ବାଣ ପ୍ରାପ୍ତିର ପ୍ରାରବ୍ଧ ମାନିଲେ
ସ୍ୱ-ଅସ୍ତିତ୍ୱ ବୋଧ ରୂପେ
ଯଶୋଧରା ହୋଇଗଲେ।

ସ୍ତ୍ରୀ ଲୋକମାନେ
ଶିବ ହେବାକୁ ପସନ୍ଦ କଲେନାହିଁ,
ସତୀ ହୋଇ, ନିଜ ପ୍ରିୟଙ୍କ ଅପମାନରେ
ସ୍ୱୟଂକୁ ଅଗ୍ନିକୁଣ୍ଡରେ ସମାହିତ କରିଦେଲେ।

ସ୍ତ୍ରୀ ଲୋକମାନେ
କୃଷ୍ଣ ହେବାକୁ ପସନ୍ଦ କଲେନାହିଁ,
ରାଧା ଭାବରେ ଅଧୀର ହୋଇ
ନିଷ୍କଳ ପ୍ରେମର ପ୍ରତୀକ ହୋଇଗଲେ।

ସ୍ତ୍ରୀ ଲୋକମାନେ
ମହାବୀରଙ୍କ ଭଳି
ତପସ୍ୟାରେ ଲୀନ ହେଲେନାହିଁ
ଯେବେ ଯେବେ ସେମାନେ
ମୁଗ୍ଧ ହସରେ ମାତିଲେ
କୈବଲ୍ୟ ପ୍ରାପ୍ତ କରିନେଲେ।


♥ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

# ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ମାଲକାନଗିରି, ୧୮/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ପୋଲିସ କାର୍ଯ୍ୟାଳୟ ସଭା ଗୃହରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମାଲକାନଗିରି ଜିଲ୍ଲା ପୋଲିସ ଅଧୀକ୍ଷକ ନୀତେଶ ୱାଧୱାନୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ତପନ ନାରାୟଣ ରଥ, ଅତିରିକ୍ତ ପୋଲିସ ଅଧୀକ୍ଷକ ଉପସ୍ଥିତ ରହି ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୁଖ୍ୟବକ୍ତା ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ରକ୍ତଦାନର ଉପକାରିତା ଏବଂ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୋଲିସ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ଆୟୋଜନ କରିଥିବାବେଳେ କୁମୁଦ ପ୍ରଧାନ, ଗୃହରକ୍ଷୀ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ, ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ, ହାବିଲଦାର ଏବଂ କନେଷ୍ଟବଳ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ଓ ସଂଘର ସମସ୍ତ କର୍ମକର୍ତ୍ତା ପ୍ରତ୍ୟକ୍ଷ ସହଯୋଗ କରି ସଫଳ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉପ ପୋଲିସ ନିରୀକ୍ଷକ, ହାବିଲଦାର, କନେଷ୍ଟବଳ, ସ୍ୱେଚ୍ଛାସେବୀ, ଅନ୍ୟାନ୍ ନାଗରିକ, ଡ୍ରାଇଭର ମହାସଂଘ, ବୁଦ୍ଧିଜୀବୀ ଏବଂ ଟିମ ଉଇ କ୍ୟାନ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଡକ୍ଟର ସାଗର ବାଲା, ଏନ. ସୁବର୍ଣ୍ଣ, ସନ୍ତୋଷ କୁମାର ପତି, ସୁଜଳ ରାୟ, ସରୋଜ କୁମାର ପଣ୍ଡା, ଯୋଗେଶ୍ୱରୀ ମାଢ଼ି, ସଂଜୟ କୁମାର ସାଗର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ।

ପୋଲିସ ବିଭାଗର ଏହି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ୩୮ ଏବଂ ୩୯ ଥର ରକ୍ତଦାନ କରିଥିବାରୁ ନରେନ୍ଦ୍ର ମାଦ୍ରୀ ଏବଂ ଅନୁପ ସୁନାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବାରୁ ପୋଲିସ ବିଭାଗ ତରଫରୁ ଏହିଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରି ପ୍ରଶଂସା ସାଉଁଟିଛନ୍ତି। ଏହି ରକ୍ତଦାନ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ରକ୍ତ ନମୁନା ସଂଗ୍ରହ କରାଯାଇଛି।

# ପେନ୍‌ସନ ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ କାର୍ଯ୍ୟକ୍ରମ ସ୍ଥିରୀକୃତ

ଜୟପୁର, ୧୮/୩ (ନି.ପ୍ର): ଆଜି ସ୍ଥାନୀୟ ଯାଦବ ଭବନ ଠାରେ କାଗଜ କଳ ଶ୍ରମିକ ଓ ସଂଘ, ପରିବହନ ଓ କେସିସି ବ୍ୟାଙ୍କ କର୍ମଚାରୀ , ପେନସନର୍ସ ଆସୋସିଏସନ୍ ଓ ସିଟି କୋଅର୍ଡିନେସନ କମିଟି କୁ ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉମାକାନ୍ତ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାକୁ ସମ୍ବୋଧିତ କରି ସିଟି କୋଅର୍ଡିନେସନ କମିଟି ର ସଂଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାର ଶ୍ରମିକ ମାନଙ୍କ ନ୍ୟାୟୋଚିତ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି ଏବଂ ସରକାରୀ କଳ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରିବାରେ ଆନ୍ତରିକତାର ଅଭାବ ରହୁଛି । ସେଥିପାଇଁ ଦୀର୍ଘ ବର୍ଷ ବର୍ଷ ଧରି ସେବା କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ କି କେସିସି ବ୍ୟାଙ୍କ, ପରିବହନ କର୍ମଚାରୀ ଙ୍କ ଗ୍ରାଚ୍ୟୁଇଟି ଓ ଅନ୍ୟ ପାଉଣା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି । କାରଖାନା ଚାରି ବର୍ଷ ହେଲା ପୁରା କ୍ଷମତା ରେ ଚାଲୁ ନାହିଁ , ଶ୍ରମିକ ମାନଙ୍କ ଚାରି ମାସର ଦରମା ମିଳିନଥିବା ବେଳେ ଅବସରପ୍ରାପ୍ତ ଶ୍ରମିକ, ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି, ବକେୟା ପାଉଣା, ପି ଏଫ କିଛି ମିଳୁନାହିଁ । ରାଜ୍ୟ ସରକାର କାରଖାନା ଚଲେଇବା ପାଇଁ ଏନ୍ ଓ ସି ଦେଇଥିଲେ ମଧ୍ୟ ହସ୍ତକ୍ଷେପ କରୁ ନାହାଁନ୍ତି । ପି ଏଫ୍ ଟଙ୍କା ଆସି ଯାଇଥିଲେ ମଧ୍ୟ ଶ୍ରମିକ ମାନଙ୍କୁ ମିଳୁ ନାହିଁ କି ପେନସନ ମଧ୍ୟ ପାଇପାରୁ ନାହାଁନ୍ତି । ସେଭଳି କେସିସି ବ୍ୟାଙ୍କ କର୍ମଚାରୀ ଙ୍କ ଗ୍ରାଚ୍ୟୁଇଟି ଓ ଅନ୍ୟ ପାଉଣା ପାଇଁ ହାଇକୋର୍ଟ ପର୍ଯ୍ୟନ୍ତ ଦୌଡ଼ିବାକୁ ପଡୁଛି , ତା'ପରେ ମଧ୍ୟ ମିଳୁନି । ପରିବହନ କର୍ମଚାରୀ ମାନେ ମଧ୍ୟ ସେହି ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ଶ୍ରମ ବିଭାଗ ତ୍ୱରିତ ହସ୍ତକ୍ଷେପ କରୁ ନାହିଁ । ଏ ସମସ୍ତ ବିଷୟ କୁ ନେଇ ଆସନ୍ତା ୨୦ ମାର୍ଚ୍ଚ ରେ ଜୟପୁର ଯୁଗ୍ମ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଏବଂ ଏକ ବିସ୍ତୃତ ପ୍ରଚାର ପତ୍ର ଜରିଆରେ ସମସ୍ତ ବିଷୟ ପ୍ରକାଶ କରି ମାର୍ଚ୍ଚ ୨୩ ସହୀଦ ଭଗତ୍ ସିଂ ଙ୍କ ଫାଶୀ ଦିବସରେ ପଟୁଆର ସହ ଏକ ସାଧାରଣ ସଭା ଆୟୋଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପେନସନର୍ସ ଆସୋସିଏସନ୍ ପକ୍ଷରୁ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ଦାବି କୁ ଜନସାଧାରଣ ଙ୍କ ସମ୍ମୁଖରେ ରଖିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ଆଜିର ସଭାରେ ବସନ୍ତ ବେହେରା,ରାମ ଶଙ୍କର ପଟ୍ଟନାୟକ, ଏମ୍ ଏନ୍ ରାଓ, ଏସ୍ ଏନ୍ ମହାନ୍ତି,ଅଲେଖ ପାତ୍ର,କେ ସତ୍ୟନାରାୟଣା, ଯୁ ଭି ରାଓ , ପି ରାମ୍ ବାବୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଜୟପୁରରେ ଝାମିଯାତ୍ରା

ଜୟପୁର, ୧୮/୩ (ନି.ପ୍ର): ଜୟପୁରରେ ଆଜି ଝାମିଯାତ୍ରା । ଝାମି ଯାତ୍ରାରେ ସୀରଲୀ ଦେବୀଙ୍କୁ ପୂଜା କରାଯାଇଥାଏ । ଶିବ ରାତ୍ର ପରେ ଫାଲଗୁନ ମାସ ଶୁକ୍ଳପକ୍ଷ ନବମୀ ତିଥି ଅନୁଯାୟୀ ରବିବାର ଝାମି ଦେବୀଙ୍କୁ ସ୍ଥାନୀୟ ବାଙ୍କମଠ ଠାରେ ଅସ୍ଥାୟୀ ରୁପେ ଏକ ମଣ୍ଡପ କରାଯାଇ ପୂଜା କରାଯାଇଛି । ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ମାରାତ୍ମକ ରୋଗରୁ ମିକ୍ତି ପାଇବା ପାଇଁ ରାଜ ରାଜୁଡା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଝାମିଯାତ୍ରା । ଲୋକଙ୍କ ବିଶ୍ୱାସ ଓ ପରମ୍ପରାକୁ ନେଇ ଏହି ଯାତ୍ରା ପାଳିତ ହୋଇ ଆସୁଅଛି । ପରମ୍ପରା ଅନୁଯାୟୀ, ଯାତ୍ରା ଠାରେ ବ୍ୟବସାୟି ମାନେ ଚଣା, ସାକରା, ମୁଢି ବିକ୍ରି କରିଥାନ୍ତି । ମାନସିକ ରଖି ଭକ୍ତ ମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି । ରାଜରାଜୁଡା ଅମଳରୁ ଏହି ପରମ୍ପରା ଚାଲି ଆସୁଛି । ଏହି ପୂଜା ଦଶଦିନ ଧରି ଚାଲିଥାଏ । ମହା ଶିବରାତ୍ର ପରଠାରୁ ୧୦ ଦିନରେ ହୋଇଥାଏ ଝାମି ଯାତ୍ରା । ଏହି ଯାତ୍ରା ଜୟପୁରରେ ରଜା ରାଜୁଡା କାଳରୁ ଆରମ୍ଭ ହୋଇଥିବା ବେଳେ ଏବେବି ଲୋକଙ୍କ ପ୍ରବଳ ଭିଡ ଦେଖାଦିଏ ଯାତ୍ରା ଦିନ । ଏହି ପୂଜା ପାଇଁ ବିଶେଷ କରି ତେଲୁଗୁ ସଂମ୍ପ୍ରଦାୟର ଲୋକ ବେଶି ଆସୁଥିବା ବେଳେ ଅନ୍ୟ ସଂମ୍ପ୍ରଦାୟର ଲୋକଙ୍କ ଭିଡ ମଧ୍ୟ ଜମିଥାଏ । ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ସହ ବହୁ ସ୍ଥାନରୁ ଭକ୍ତ ମାନେ ଏହି ଯାତ୍ରା ଦେଖିବାକୁ ଆସନ୍ତି । ହାତରେ ନଡିଆ, କଦଳି, ଫୁଲ ସହ ଝାମି ଦେବିଙ୍କ ପାଖରେ ମାନସିକ ଥିବା ଲୋକମାନେ ନିଜ ଇଛାରେ ସେଠାରେ ଦାନ କରିଥାନ୍ତି ।

# ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ପାଳନ ହେବ

ପୁରୀ, ୧୮/୩ (ନି.ପ୍ର):ଭାରତର ନିର୍ବାଚନ କମିଶନର ଗତକାଲି ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି।ପୁରୀ ଜିଲ୍ଲାରେ ଏହାକୁ କଡାକଡି ଭାବେ ପାଳନ ସହ ଯେପରି କୌଣସି କ୍ଷେତ୍ରରେ ଏହାର ଉଲ୍ଲଘଂନ ନ ହୁଏ ସେଥି ପ୍ରତି ଯତ୍ନବାନ ହେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆଦର୍ଶ ଆଚରଣ ବିଧି ପାଳନ ଓ କାର୍ଯ୍ୟକାରିତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ନିର୍ବାଚନ କମିଶନ ଯେଉଁ ଆଦର୍ଶ ଆଚରଣ ବିଧି ପ୍ରଣୟନ କରିଛନ୍ତି ତାହାକୁ ସମସ୍ତେ ଅନୁପାଳନ କରିବାକୁ ଅନୁରୋଧ କରିଥିଲେ। ନିର୍ବାଚନ ଏକ ଗଣତାନ୍ତ୍ରିକ ପ୍ରକ୍ରିୟା। ଏହାକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଭୟମୁକ୍ତ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ଦାୟିତ୍ୱ।ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ବିବିଧ ଟିମ ଗଠନ କରାଯାଇଛି ଓ ସେମାନେ ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ତେଣୁ ରାଜନୈତିକ ଦଳ ଓ ପ୍ରାର୍ଥୀ ମାନେ ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ କରିବା ସହ ଏହି ସମସ୍ତ ଟିମ ମାନଙ୍କୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। କୌଣସି ଦଳ ବା ପ୍ରାର୍ଥୀଙ୍କ ପକ୍ଷରୁ ଧର୍ମ, ସମ୍ପ୍ରଦାୟ, ଜାତି, ଭାଷା ଇତ୍ୟାଦିକୁ ଆଘାତ ବା ଅସମ୍ମାନ କରାଯିବ ନାହିଁ, କୌଣସି ଧର୍ମସ୍ଥଳରେ ପ୍ରଚାର କରାଯାଇ ପାରିବ ନାହିଁ, କୌଣସି ସରକାରୀ ସ୍ଥାନରେ ବା ବ୍ୟକ୍ତିଗତ ସ୍ଥାନରେ ବିନାନୁମତିରେ ରାଜନୈତିକ କାର୍ଯ୍ୟକଳାପ କରିପାରିବେ ନାହିଁ, କୌଣସି ଦଳର ସଭା ବା ସମାବେଶକୁ ପ୍ରତିପକ୍ଷ ବିଶୃଙ୍ଖଳା କରିବେ ନାହିଁ, ସଭା ସମାବେଶରେ ପ୍ରଶାସନ ଓ ପୋଲିସ ଠାରୁ ନିଶ୍ଚିତ ଅନୁମତି ନେବାକୁ ପଡିବ, ମତଦାତା ମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ଆଣିବା ପାଇଁ ପରିବହନ ବ୍ୟବସ୍ଥା କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଦେଇଥିବାରୁ ତାହାକୁ ଅନୁପାଳନ ପାଇଁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଆଦର୍ଶ ଆଚରଣ ବିଧିର ତଦାରଖ ପାଇଁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଟିମ୍ କାମ କରୁଛି। ତତ୍ ସହିତ ନିୟନ୍ତ୍ରଣ କକ୍ଷ ମଧ୍ୟ ଏହାର ଅନୁଧ୍ୟାନ କରୁଛନ୍ତି। ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଓ ବିଧାନସଭା ପାଇଁ ପ୍ରାର୍ଥୀ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପାଇଁ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି। ଚଳିତ ବର୍ଷ ଇସିଆଇ ପକ୍ଷରୁ ସୁବିଧା ଆପ ମାଧ୍ୟମରେ ନାମାଙ୍କନ ପତ୍ର ଦାଖଲ ପାଇଁ ସହଜ ପ୍ରକ୍ରିୟାର ବ୍ୟବସ୍ଥା କରିଛନ୍ତି। ଯାହାଦ୍ୱାରା ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର ନିର୍ଭୁଲ ଓ ସମସ୍ୟା ଶୂନ୍ୟ ହୋଇପାରିବ। ନିର୍ବାଚନ ସମ୍ପର୍କରେ କୌଣସି ଅଭିଯୋଗ ପାଇଁ ଫୋନ ନମ୍ବର ୧୯୫୦ କୁ କଲ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ,ଡିଆଇଓ ଏନ ଆଇ ସି ବିଶ୍ୱନାଥ ପଣ୍ଡା, ଅନ୍ୟାନ୍ୟ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏମ୍ ପାୱାର ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ ଅନ୍ତରାଗ୍ନି ପାଳିତ

କେନ୍ଦ୍ରାପଡ଼ା, ୧୮/୩ (ନି.ପ୍ର): କେନ୍ଦ୍ରାପଡା ଏମ୍ ପାୱାର ପବ୍ଲିକ ସ୍କୁଲ ଗରାପୁରର ୭ମ ବାର୍ଷିକ ଉତ୍ସବ କେନ୍ଦ୍ରାପଡା ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି । ସ୍କୁଲର ପ୍ରିନ୍ସପାଲ୍ ସ୍ନେହା ଲତା ହାତି ବାର୍ଷିକ ବିବରଣୀ ପାଠକରି ସଭା ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ ଏବଂ ଅନ୍ୟାନ୍ୟ ଅତିଥି ଭାବେ ବ୍ୟସା ନଗର ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଦେବସ୍ମିତା ସାହୁ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଏସ.ସି.ବି ମେଡିକାଲ କଲେଜ, କଟକର ମୁଖ୍ୟ ରେଡିଓଲୋଜିଷ୍ଟ ଡ.ସୁବ୍ରତ ରାଉତ, ଡାଇରେକ୍ଟର କଟକ ସିଲଭର ସିଟି ହସପିଟାଲର ପ୍ରତିଷ୍ଠାତା ଚିତରଞ୍ଜନ ବେହୁରା, ଡାଇରେକ୍ଟର କିଡି କେୟାର ବେବି ହସପିଟାଲ ଡାକ୍ତର ଡ.ଭାସ୍କର ନାୟକ, ଫିଲ୍ସି ଏମ.ଜି.ଏନ୍ ମେଡିସେଫ ପ୍ରାଇଭେଟ ଲିମିଟେଡର ଏମ.ଡି. ଦେବଦତ ମହାପାତ୍ର ଯୋଗଦେଇଥିଲେ । ମନୋରଞ୍ଜନ କାର୍ଯ୍ୟପାଇଁ ସିନିୟର ଅଲିଉଡ୍ ଆକ୍ଟ୍ରେସ ଅଭିଜିତ୍ ମଜୁମ୍‌ଦାର ସ୍କୁଲର ପିଲାମାନଙ୍କ ସହିତ ଷ୍ଟେଜରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରିଥିଲେ ଏବଂ ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ସ୍କୁଲ ତରଫରୁ ମେଧାବୀ ଏବଂ ଶୃଙ୍ଖଳିତ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏମ୍ ପାୱାର ଇଣ୍ଡିଆ ଟ୍ରଷ୍ଟର ଚେୟାରପର୍ସନ କପିଳାସ ଆଦାବର ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଡାଇରେକ୍ଟର ଗଣେଶ ପ୍ରସାଦ ବିଶ୍ୱାଳ ୭ ବର୍ଷ ହେଲା ସ୍କୁଲ କେଉଁପରି ଭାବରେ ଚାଲିଛି ତାହା ଉଲ୍ଲେଖ କରିଥିଲେ । ଅନ୍ୟ ଡାଇରେକ୍ଟର ମାନଙ୍କ ମଧ୍ୟରୁ ଅନିମା ସୁରିଆ ଏବଂ ରାଜୀବ ପଟ୍ଟନାୟକ ଗୁଣୁପୁର ଏମ.ପାୱାର ସ୍କୁଲରୁ ଆସି କେନ୍ଦ୍ରାପଡାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍କୁଲର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସ୍କୁଲ ତରଫରୁ ପବିତ୍ର ରମଜାନ ମାସ ଚାଲୁ ଥିବାରୁ ସମସ୍ତ ମାଇନୋରିଟି ସଂପ୍ରଦାୟର ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଇଫତାର ବଂଟନ କରାଯାଇଥିଲା । ଶେଷରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରାଯାଇ ଏବଂ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରାଯାଇଥିଲା ।

# ଅପହରଣ ଓ ଟଙ୍କା ଲୁଟ ମାମଲାରେ ଜଣେ ଗିରଫ

ଜୟପୁର, ୧୮/୩ (ନି.ପ୍ର): ଅପହରଣ ଓ ଟଙ୍କା ଲୁଟ ମାମଲାରେ ଜଣେ ଅଭିଯୁକ୍ତ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡପଦର ଅଞ୍ଚଳର ପରଦେଶ ହରିଜନ ଏଲିୟସ ପରଦେଶ ଟାକରି (୨୭) । ବିହାର ରାଜ୍ୟ ର ଜଣେ ବ୍ୟକ୍ତି କୁ ଅପହରଣ କରିବା ସହ ୨ ଲକ୍ଷ ଟଙ୍କା ଦାବି କରିବା ସହ ଟଙ୍କା ଲୁଟ କରିଥିବା ନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏହି ମାମଲାରେ ଅଭିଯୁକ୍ତ କୁ ଗିରଫ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ସୁପ୍ରିମଟାକ୍ସଠାରେ ମହା ସ୍ୱାସ୍ଥ୍ୟ କର୍ମଶାଳା

ବଲାଙ୍ଗିର , ୧୮/୩ (ନି.ପ୍ର): ବଲାଙ୍ଗିର ସହର ସ୍ଥିତ ସୁପ୍ରିମଟାକ୍ସ ଜେନେରାଲ ହସପିଟାଲ ଓ ନେତ୍ର ନିକେତନ ଠାରେ ଗତକାଲି ସୁପ୍ରିମଟାକ୍ସ ଅଧ୍ୟକ୍ଷ ଅଜିତ ପାଲ ଙ୍କ ଉଦ୍ୟମ କ୍ରମେ ଚକ୍ଷୁ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ପାଇଁ ଏକ ମହା ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୩୦୦ ରୁ ଉର୍ଦ୍ଧ୍ୱ ଆଶାକର୍ମୀ, ଏସ୍.ଏଚ୍.ଜି. ମହିଳା କର୍ମୀ ଓ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ । ଅଧ୍ୟକ୍ଷ ଅଜିତ ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ଲାଗି ରହିଥିବା ଚାଲସିଆ ଚକ୍ଷୁରୋଗ ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବାରୁ ଉଦ୍ବେଗ ପ୍ରକାଶ କରିଥିଲେ । ପ୍ରତ୍ୟେକ ବର୍ଷ ହଜାର ହଜାର ଚକ୍ଷୁ ଅସ୍ତ୍ରୋପଚାର ମାଗଣାରେ କରାଯାଉଥିବା ପରିପ୍ରେକ୍ଷୀରେ ଚଷମା ସମସ୍ୟାକୁ ଦୃଷ୍ଟିରେ ରଖି ଉପଯୁକ୍ତ ରୋଗୀକୁ ମାଗଣାରେ ଚଷମା ଦିଆଯିବା ପାଇଁ ଘୋଷଣା କରିଥିଲେ । ଶ୍ରୀ ପାଲ ଆଗାମୀ ୩ ବର୍ଷ ପାଇଁ ୧୦ ଲକ୍ଷ ଚଷମା ବଲାଙ୍ଗିର ସମେତ ପଶ୍ଚିମ ଓଡିଶାର ଅନ୍ୟ ଜିଲ୍ଲାମାନଙ୍କୁ ବିତରଣ କରିବା କାର୍ଯ୍ୟକ୍ରମକୁ ପ୍ରକାଶ କରିଥିଲେ । ବଲାଙ୍ଗିର ବିକାଶ ସ୍ରୋତ ମୁଖ୍ୟତଃ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶାକର୍ମୀ, ଏସ୍.ଏଚ୍.ଜି. କର୍ମୀ ଓ ଅଙ୍ଗନୱାଡି କର୍ମୀମାନଙ୍କ ତୃଣମୂଳ ପ୍ରଚେଷ୍ଟା ଓ କାର୍ଯ୍ୟକୁ ପ୍ରଶଂସା କରି ଶ୍ରୀ ପାଲ ଆଗାମୀ ଦିନରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଦେଇଥିବା ଆହ୍ୱାନକୁ ଅଂଶଗ୍ରହଣକାରୀମାନେ ସହମତି ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ୫୦ ହଜାର ଚଷମା ଶ୍ରୀ ପାଲ ଙ୍କ ଉଦ୍ୟମ କ୍ରମେ ସୁଦୁର ଆମେରିକାରୁ ଅଣାଯାଇ ପାରିଥିବାରୁ ଶ୍ରୀ ପାଲଙ୍କ ସମୟୋପଯୋଗୀ ପଦକ୍ଷେପ କୁ ସମସ୍ତେ ପ୍ରଶଂସା କରିଥିଲେ । ସୁପ୍ରିମଟାକ୍ସ ଉପଦେଷ୍ଟା ଡା. ସିଦ୍ଧେଶ୍ୱର ମିଶ୍ର ସଭାପତିତ୍ୱ କରିଥିବା ବେଳେ ପରିଚାଳକ ସତ୍ୟ ସୁନ୍ଦର ଦୀପ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଖଣି ପାଇଁ ମରିଯାଉଛି ଝରଣା

କାଳିଆପାଣି, ୧୮/୩ (ନି.ପ୍ର): ଖଣି ଖନନ ପାଇଁ ମରିଯାଉଛି ଅନେକ ଝରଣା। ଖଣିଜ ଉତ୍ତୋଳନ ଯୋଗୁଁ କେଉଁଠି ଝରଣା ପୋତିହୋଇ ସତ୍ତା ହରାଉଛି ତ' ଆଉ କେଉଁଠି ସଂପୂର୍ଣ୍ଣ ଶୁଖି ଯାଉଛି। କିଛି ସ୍ଥାନରେ ଖଣି ଭିତରକୁ ପଡ଼ିଥିବା ଝର ବର୍ଷକୁ ୪ରୁ ୬ ମାସ ଜୀବନ୍ତ ରହୁଥିବା ବେଳେ ଆଉ କିଛି କ୍ଷେତ୍ରରେ ପ୍ରବାହମାନ ଝରଣା ଉତ୍ପତ୍ତି ସ୍ଥଳ ନିକଟରେ ସୀମିତ ରହୁଛି। ଯାଜପୁରର କାଳିଆପାଣି ଅଞ୍ଚଳରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଯାଜପୁର ଜିଲ୍ଲାର ସୁକିନ୍ଦା କ୍ରୋମ ଉପତ୍ୟକାର ପଶ୍ଚିମରେ ଦୈତାରୀ ପର୍ବତମାଳା ଓ ପୂର୍ବରେ ମହାଗିରି ପର୍ବତମାଳା ରହିଛି। ଏହା ଦକ୍ଷିଣରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ତହସିଲ ଅଧୀନ ଓଏମ୍‌ସି ବିରାଶାଳ ଡଙ୍ଗାକୋଟା ଓ କାଠପାଳ କ୍ରୋମାଇଟ୍ ଖଣିରୁ ପାଖାପାଖି ୩୦ କିଲୋମିଟ ଦୂର ଉତ୍ତର ଦିଗରେ ସୁକିନ୍ଦା ତହସିଲ ଅଧୀନ ଟାଟାଷ୍ଟିଲ କମର୍ଦ୍ଧା କ୍ରୋମାଇଟ୍ ଖଣିକୁ ଲମ୍ବିଛି। ଏହି କ୍ରୋମ୍ ଉପତ୍ୟକା ମଧ୍ୟରେ ପାଖାପାଖି ୫୦ ଗୋଟି ଖୋଲା କ୍ରୋମାଇଟ୍ ଖଣି ରହିଛି। ସେହିପରି ଫେକର କମ୍ପାନିର କାଠପାଳ କ୍ରୋମାଇଟ୍ ଖଣି ଲିଜ୍ ଏରିଆରେ ୨ଟି ଭୂତଳ ଖଣି ଜଙ୍ଗଲ ପିଟ୍ ଓ ମହେଶ୍ୱର ପିଟ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଓଏମ୍‌ସି କାଳିଆପାଣି କ୍ରୋମାଇଟ୍ ଖଣି କ୍ୱାରି-୩, କ୍ୱାରି-୨, କ୍ୱାରି-୧, କାଠପାଳ କ୍ରୋମାଇଟ୍ ଖଣି ଲିଜ୍ ଏରିଆରେ ଥିବା ୪ଟି ଖଣି ବାଉଣ୍ଡରି ପିଟ୍, ପାହାଡ଼ ପିଟ୍, ବିକ୍ଷକ୍ୱାରି ଓ ନିମକୋଟା, ପୁରୁଣା ଟାଟାଷ୍ଟିଲ ୧ ନମ୍ବର କ୍ରୋମାଇଟ୍ ଖଣି, ତଳଙ୍ଗି କ୍ରୋମାଇଟ୍ ଖଣି ଭଳି ବଡ଼ବଡ଼ ପରିତ୍ୟକ୍ତ ଖଣିରେ ଏବେ ୩୦ ଲକ୍ଷ ଘନମିଟରରୁ ୫୦ ଲକ୍ଷ ଘନମିଟର ପର୍ଯ୍ୟନ୍ତ ଜଳ ରହିଛି। ଏସବୁ ଖଣିରେ ଭରି ରହିଥିବା ବିଶାଳ ଜଳରାଶିର ଉତ୍ସ ହେଉଛି ଝରଣା। ଏହି ଝରଗୁଡ଼ିକ ଆଗକୁ ବଢ଼ିନପାରି ସୁପ୍ତ ଅବସ୍ଥାକୁ ଚାଲିଯାଉଛି। ସେହିପରି ଏବେ କ୍ରୋମ୍ ଉପତ୍ୟକାର ଓଏମ୍‌ସି, ଟାଟାଷ୍ଟିଲ, ଇମ୍ଫା, ଫେକର-ବେଦାନ୍ତ, ବାଲେଶ୍ୱର ଆଲଏଜ୍ ଓ ଜିନ୍ଦଲ ଷ୍ଟେନଲେସ୍ କମ୍ପାନି ମାଲିକାନାରେ ୧୧ଟି କ୍ରିୟାଶୀଳ କ୍ରୋମାଇଟ୍ ଖଣି ରହିଛି।

# ଅବାଧ ନିରପେକ୍ଷ ଓ ହିଂସାମୁକ୍ତ ନିର୍ବାଚନ ପରିଚାଳନା ଉପରେ ଉପରେ ଗୁରୁତ୍ୱ

କେନ୍ଦୁଝର, ୧୮/୩ (ନି.ପ୍ର): ଦେଶରେ ୧୮ତମ ସାଧାରଣ ନିର୍ବାଚନ ଲାଗି ଭାରତ ନିର୍ବାଚନ କମିଶନ ଙ୍କ ପକ୍ଷରୁ ତାରିଖ ଘୋଷଣା ହୋଇସାରିଥିବା ବେଳେ ଏହି ଅନୁକ୍ରମରେ ଏଥିପାଇଁ ରାଜ୍ୟରେ ଅନୁରୂପ ପ୍ରସ୍ତୁତି ପର୍ବ ମଧ୍ୟ ଆରମ୍ଭ ହୋଇଯାଇଛି । ରାଜ୍ୟରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଛି । ଏ ସଂପର୍କରେ ଜିଲ୍ଲାପାଳଙ୍କ ବିଶାଳ ସିଂହ ପକ୍ଷରୁ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କେନ୍ଦୁଝର ସଂସଦୀୟ କ୍ଷେତ୍ର ସମେତ ଜିଲ୍ଲାର ସମସ୍ତ ୬ ଟି ବିଧାନସଭା କ୍ଷେତ୍ର ଓ କେନ୍ଦୁଝର ସଂସଦୀୟ କ୍ଷେତ୍ର ମଧ୍ୟରେ ଥିବା ମୟୁରଭଂଜ ଜିଲ୍ଲାର କରଞ୍ଜିଆ ବିଧାନ ସଭା ଲାଗି ମଇ ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏ ଥିପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ମେ ମାସ ୬ ତାରିଖ ରଖାଯାଇଥିବା ବେଳେ ପ୍ରାର୍ଥିପତ୍ର ଯାଚଂ ମେ ମାସ ୭ ତାରିଖ ପ୍ରର୍ଥୀପତ୍ର ପ୍ରତ୍ୟାହାର ର ଶେଷ ତାରିଖ ମେ ମାସ ୯ ତାରିଖ ରହିଛି । ଏବଂ ମେ ୨୫ ତାରିଖ ମତଦାନ ରହିଥିବା ବେଳେ ଭୋଟ ଗଣତି ଜୁନ ୪ ତାରିଖ ରହିଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବଂ ଜିଲ୍ଲା ନିର୍ବାଚନ ପରିପ୍ରେକ୍ଷିରେ ଜିଲ୍ଲା ର ମତଦାତା ସଂଖ୍ୟା ୧୩ ଲକ୍ଷ ୭୧ ହଜାର ୬୬୧ ଥିବା ବେଳେ ସେଥି ମଧ୍ୟରୁ ୬ ଲକ୍ଷ ୮୩ ହଜାର ୫୧୫ ପୁରୁଷ , ୬ ଲକ୍ଷ ୮୮ ହଜାର ୦୬୦ ମହିଳା ଏବଂ ୮୬ ଜଣ ତୃତୀୟ ଲିଙ୍ଗୀ ଅଟନ୍ତି । ସମୁଦାୟ ଭୋଟର ମାନଙ୍କ ମଧ୍ୟରୁ ୧୨ ହଜାର ୪୮୪ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ଥିବା ବେଳେ ନଛନ୍ଦନ ଭୋଟରଙ୍କ ସଂଖ୍ୟା ୩୫ , ୫୩୬ ହୋଇଥିବା ବେଳେ ୮୦ ବର୍ଷରୁ ଅଧିକ ୨୦, ୦୦୫ ଭୋଟର ଏହି ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି । ଅନୁରୂପ ଭାବେ ଜିଲ୍ଲାରେ ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୬ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ସର୍ବମୋଟ ୧୭୨୦ ବୁଥ ମଧ୍ୟରୁ ସ୍ୱତନ୍ତ୍ର ଭାବେ ସଖାବୁଥ ୧୭୪ , ଯୁବ ବୁଥ ୩୦ , ଭିନ୍ନକ୍ଷମ ବୁଥ ୩ ଏବଂ ଗୋଟିଏ ଏଥନିକ ବୁଥ ଭାବେ ଚିହ୍ନଟ ହୋଇଛି । ଜିଲ୍ଲାରେ ସ୍ଥାପନ ହେବାକୁ ଯାଉଥିବା ୧୭୨୦ ପୋଲିଂ ଷ୍ଟେସନ ରେ ୧୦, ୭୩୧ ପୁରୁଷ ଏବଂ ୧୬୫୩ ମହିଳା ଏପରି ମୋଟ ୧୨,୩୮୪ ଜଣ ପୋଲିଂ କର୍ମଚାରୀ ନିୟୋଜିତ ରହିବେ । ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ କେନ୍ଦୁଝରର ସମସ୍ତ ମତଦାତାଙ୍କୁ ନିଜ ନିଜ ଅଧିକାର ସାବ୍ୟସ୍ତ କରି ଗଣତନ୍ତ୍ର ର ଏହି ମହାପର୍ବରେ ସାମିଲ ହେବାକୁ ନିବେଦନ କରିଥିଲେ ।

# ନିର୍ବାଚନ ଘୋଷଣା ଏବଂ ଆଚରଣ ବିଧି ବାବଦରେ ଅନୁଷ୍ଠାନିକ ଭାବରେ ସୂଚନା ଦେଲେ କନ୍ଧମାଳ ଜିଲ୍ଲାପାଳ

କନ୍ଧମାଳ, ୧୮/୩ (ନି.ପ୍ର): ଭାରତର ନିର୍ବାଚନ ଆୟୁକ୍ତ ଗତ ୧୬ ମାର୍ଚ୍ଚ ୨୦୨୪ ରେ ରାଜ୍ୟରେ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭାପାଇଁ ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଏହି କ୍ରମରେ ଗତକାଲି ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି । ତାଙ୍କ ଘୋଷଣା ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ପଂଚମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଅନୁଶାରେ ମତଦାନ ହେବ । କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଆଜି ଜିଲ୍ଲାର ସମସ୍ତ ଅଧିକାରୀମାନଙ୍କୁ ନେଇ ଭର୍ଚ୍ଚୁଆଲ୍ ମୋଡ୍ ରେ ଏକ ବୈଠକର ଆୟୋଜନ କରି ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ଉପରେ ଆଲୋଚନା କରିଥିଲେ । ଏହାର ମୂଳ ଲକ୍ଷ୍ୟ ହେଲା ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ତାରିଖ ଠାରୁ ନିର୍ବାଚନ ଫଳାଫଳ ଘୋଷଣା ପରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ । ଏଥିରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ନିର୍ବାଚନ ପ୍ରଚାର ପାଇଁ କ''ଣ କରାଯିବ ଓ କରାଯିବ ନାହିଁ ସେନେଇ ପରାମର୍ଶ ଦେଇଥିଲେ । ପ୍ରଚାର ପାଇଁ ସରକାରୀ ଗାଡ଼ିର ବ୍ୟବହାର ଉପରେ ଥିବା କଟକଣା, ସମ୍ପୃକ୍ତ ସରକାରୀ ଅଧିକାରୀଙ୍କର ଉପଯୁକ୍ତ ଅନୁମତି ବିନା ସଭା/ରାଲି/ଲାଉଡ୍ ସ୍ପିକର /ଗାଡି/ସାର୍ବଜନୀନ ପଡ଼ିଆ/ ଗେଷ୍ଟ ହାଉସ୍ ଆୟୋଜନ ଉପରେ କଟକଣା, ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ, ପେଡ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ନିର୍ବାଚନ ପକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ସମ୍ବାଦ ପରିବେଷଣ ଆଳରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନେବା, ନିର୍ବାଚନୀ ପୋଷ୍ଟର, ପାମ୍ଫ୍ଲେଟ୍, ହାଣ୍ଡିଲ୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ରରେ ପ୍ରକାଶକ ଓ ପ୍ରିଣ୍ଟରଙ୍କ ନାମ, ଠିକଣା ଓ ମୂଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ନ ପାଇଥିଲେ କାଯ୍ୟାନୁଷ୍ଠାନ ଗ୍ରହଣ କରିବା, ଭୋଟରଙ୍କୁ ପ୍ରଭାବିତ କରିବାର ପ୍ରଭାବ ଥିବା ନୂତନପ୍ରକଳ୍ପ/କାର୍ଯ୍ୟକ୍ରମ/ଆର୍ଥିକ ଅନୁଦାନ ଘୋଷଣା ଉପରେ କଟକଣା, ବ୍ୟକ୍ତିଗତ ଗସ୍ତରେ ଥିବା ସରକାରୀ ଅଧିକାରୀମାନେ ରାଜନୈତିକ ଅଧିକାରୀଙ୍କ ନିର୍ବାଚନୀ କାର୍ଯ୍ୟରେ ସହଯୋଗ ଉପରେ କଟକଣା, ଆଦର୍ଶ ଆଚରଣ ବିଧି ଉଲଂଘନ କ୍ଷେତ୍ରରେ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ ଅଭିଯୋଗ ଏବଂ ଅଭିଯୋଗ ମନିଟରିଂ ସିଷ୍ଟମ ୨୪ ଘଣ୍ଟିଆ କାର୍ଯ୍ୟକାରୀ ହେବା, ଜିଲ୍ଲା ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ହେବା ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ । ଏଜେନ୍ସି ମାନଙ୍କର ୱାର୍କ ଅର୍ଡର ଓ ତା''ର ଇସୁ ରେଜିଷ୍ଟର ସିଜ୍ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ କାମ ପୂର୍ବରୁ ଆରମ୍ଭ ହୋଇଯାଇଛି ସେଗୁଡ଼ିକର ତାଲିକା ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ କୌଣସି ବୈଠକ କରାଯିବ ନାହିଁ । ସି.ଭିଜିଲ୍ ଆପ୍ ରେ କୌଣସି ଅଭିଯୋଗ ଆସିଲେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍ ସେଠାକୁ ତୁରନ୍ତ ପଠାଯିବ ଏବଂ ଟିମ୍ ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ପ୍ରଦାନ କରିବ । ଚାଲୁ ରହିଥିବା ସରକାରୀ ଯୋଜନାର ପ୍ରଚାର ପ୍ରସାର କରାଯିବ ନାହିଁ । ସରକାରୀ କାର୍ଯ୍ୟାଳୟ କିମ୍ବା ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ପୋଷ୍ଟରଗୁଡ଼ିକୁ ତୁରନ୍ତ ହଟାଇବାକୁ କିମ୍ବା ସମ୍ପୂର୍ଣ୍ଣ କଭର କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରଚାର ପାଇଁ ଫଟୋ ଲାଗିଥିବା ଆଶଙ୍କାରେ ଜିଲ୍ଲା ବାହାରୁ ଆସୁଥିବା ଗାଡ଼ି ଏପରିକି ଜିଲ୍ଲାର ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକୁ ମଧ୍ୟ ଅଟକାଇ ଚେକ୍ କରିବାକୁ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି, ପେଟ୍ରୋଲ୍ ପମ୍ପେ ଲାଗିଥିବା ଫଟୋ ହଟାଇବାକୁ ନିର୍ଦ୍ଦେଶ ଦେବା ସହିତ ପ୍ରଚାର ପାଇଁ ବାହାରୁ ଆସିଥିବା ଏଲ୍.ଇ.ଡି ଭ୍ୟାନ୍ ଯୁକ୍ତ ଗାଡ଼ିକୁ ଅଟକାଇ ରାଜ୍ୟ ଏମ୍.ସି.ଏମ୍.ସି. ର ପ୍ରାକ୍ ସାର୍ଟିଫିକେସନ ହୋଇଛି କି ନା ଯାଂଚ୍ କରିବାକୁ କୁହାଯାଇଥିଲା । ଏମ.ପି. ବା ଏମ.ଏଲ୍. ଏ. ଲ୍ୟାଡ୍ ରୁ ମିଳିଥିବା ଗାଡ଼ିରୁ ଫଟୋ ହଟାଯିବା ସହିତ କୌଣସି ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ଯୋଡ଼ାଯିବ ନାହିଁ ବୋଲି କହିଥିଲେ । ଯଦି କୌଣସି ଅଧିକାରୀ, ସଂସ୍ଥା ଏବଂ ବ୍ୟକ୍ତି ବିଶେଷ ଏହି ଆଦର୍ଶ ଆଚରଣ ବିଧିକୁ ଉଲଂଘନ କରି କୌଣସି କାର୍ଯ୍ୟ କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ ।

## ଜ୍ଞାନ ବିକାଶର....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଶ୍ରେଣୀଗୃହ ଶିକ୍ଷାଦାନ, ପାଠ୍ୟକ୍ରର ବିବରଣୀ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ବିତର୍କ ଏବଂ ବାର୍ତ୍ତାଳାପ ଜରିଆରେ କ୍ଲାସରୁମ୍ ମିଟିଂର ଏକ ଦୀର୍ଘ-ପ୍ରତିଷ୍ଠିତ ପଦ୍ଧତି ବ୍ୟବହାର କରନ୍ତି । ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସ୍ଥାନ ଓ ସମୟକୁ ଆସି କ୍ଲାସ୍ ଲେକ୍ଚର, ଷ୍ଟଡି ଗ୍ରୁପ୍, ଲ୍ୟାବ୍ ଏବଂ ପରୀକ୍ଷାରେ ଯୋଗ ଦେଇପାରିବେ। ଦୂରଶିକ୍ଷା ପାଠ୍ୟକ୍ରମ ଅପେକ୍ଷା ଶ୍ରେଣୀଗୃହ ଶିକ୍ଷାଦାନରେ ବାତାବରଣ ଅଧିକ ସଂଗଠିତ । ଏହା ଦ୍ୱାରା ଅଧ୍ୟାପକ ଓ ସାଥୀ ଛାତ୍ରଛାତ୍ରୀଙ୍କ ସହ ମୁହାଁମୁହିଁ କାରବାର କରିଥାନ୍ତି । ଦୂରଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭରୁ, ପରୀକ୍ଷା ଏବଂ ଡାକ ମାଧ୍ୟମରେ ଯୋଗାଯୋଗ ହୋଇଥାଏ। ଆଜିକାଲି ଇ-ଲର୍ଣ୍ଣିଂ ପାଇଁ ସୂଚନା ପ୍ରଯୁକ୍ତିବିଦ୍ୟା, ଗଣମାଧ୍ୟମ ଏବଂ ଇଣ୍ଟରନେଟ୍ ଭଳି ବିଭିନ୍ନ ରୂପ ବ୍ୟବହାର କରାଯାଏ । ଦୂରଶିକ୍ଷା ପାଠ୍ୟକ୍ରମରେ ଲେକ୍ଚର, ଲାଇଭ୍ ଷ୍ଟ୍ରିମିଂ ଲେକ୍ଚର, ୱେବିନାର, କଣ୍ଟେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ପାଠ୍ୟକ୍ରମ ବିଷୟବସ୍ତୁ ପ୍ରଦାନ କରାଯାଏ । ଚାଟ୍ ରୁମ୍, ଇମେଲ୍ ଏବଂ ମେସେଜ୍ ବୋର୍ଡ ମାଧ୍ୟମରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ ଗୋଷ୍ଠୀ ଆଲୋଚନା ସ୍ପଷ୍ଟ ହୁଏ । ଛାତ୍ରଛାତ୍ରୀମାନେ ଅନଲାଇନରେ ନିଜ ସୁବିଧା ଅନୁଯାୟୀ ପରୀକ୍ଷା ଦେଇପାରିବେ । ନିଜ ଗତିରେ ପାଠ ପଢ଼ିବାର ସୁଯୋଗ ମିଳିଲେ ଛାତ୍ରଛାତ୍ରୀ ଶ୍ରେଣୀ ଗୃହ ଅପେକ୍ଷା ଶୀଘ୍ର ଡିଗ୍ରୀ ପାଠ୍ୟକ୍ରମ ଶେଷ କରିପାରିବେ। ଦୂରଶିକ୍ଷା ପାଠ୍ୟକ୍ରମଗୁଡିକ ବହୁତ ଉନ୍ନତ ଜ୍ଞାନକୌଶଳ ଆବଶ୍ୟକ କରେ । ଜ୍ଞାନର ବିକାଶ ପାଇଁ ମାଧ୍ୟମ ଯାହା ହେଉ ନା କାହିଁକି ଛାତ୍ରଛାତ୍ରୀ ଯଦି ଶିକ୍ଷିତ ହେବେ ଓ ଦକ୍ଷ ହେବେ, ତେବେ ବିକାଶ, ଉତ୍ପାଦକତା, ଭିତ୍ତିଭୂମି, ଅନ୍ନସସ୍ବସ୍ଥାନ, ରୋଜଗାର, ଭାବମୂର୍ତ୍ତି ଓ ପତିଆରା ଆପେ ବଢ଼ିବ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

## ସୁସଂଗଠକ ଅଶୋକ ଘୋଷଙ୍କ ନିମନ୍ତେ ଶୋକସଭା



ବେତନଟୀ , ୧୮/୩ (ନି.ପ୍ର): ବେତନଟୀ ଆନନ୍ଦବଜାରସ୍ଥ ବିଶ୍ୱ ଆନନ୍ଦ ସଂସ୍ଥା ତରଫରୁ ସ୍ଥାନୀୟ ହନୁମାନ ମନ୍ଦିରଠାରେ ସଂସ୍ଥାର ଦିବଂଗତ ସଂପାଦକ ଅଶୋକ କୁମାର ଘୋଷଙ୍କ ଏକାଦଶାହ କର୍ମ ଦିନରେ ଆନନ୍ଦବଜାର କଲ୍ୟାଣ ମଣ୍ଡପଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ସଭାପତି ଆଡଭୋକେଟ୍ ପ୍ରଦ୍ୟୁମ୍ନ କୁମାର ପରିଡା ଅଧକ୍ଷତା ଏବଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସର୍ବପ୍ରଥମେ ଉପସ୍ଥିତ ବ୍ୟକ୍ତିବିଶେଷଗଣ ସ୍ୱର୍ଗତ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଧୂପଦୀପ ଦାନ ପରେ ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଶୋକସଭାରେ ବାଲେଶ୍ୱର ଲୋକସଭାର ପୂର୍ବତନ ସଦସ୍ୟ ଖାରବେଳ ସ୍ୱାଇଁ,ବେତନଟୀ ଗ୍ରାମପଞ୍ଚାୟତର ସରପଞ୍ଚ ପା ନମଣି ମୁର୍ମୁ , ବିକାଶ ମଞ୍ଚର ଆବାହକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ,ବରିଷ୍ଠ ନାଗରିକ ସଂଘର ସଂପାଦକ ଜୟନ୍ତ କୁମାର ପଟ୍ଟନାୟକ,ମୟୂର ସାହିତ୍ୟ ସଂସଦର ସଂପାଦକ ଯତୀନ୍ଦ୍ର ନାଥ ସାହୁ ଓ ପୂର୍ବତନ ସଭାପତି ବାସୁଦେବ ନାପିତ,ସିଭିଲ ସୋସାଇଟିର ସଂପାଦକ ଆଡ୍ ଭୋକେଟ୍ ସଚ୍ଚିଦାନନ୍ଦ ମହାନ୍ତି, ବିଶ୍ୱ ଆନନ୍ଦ ସଂସ୍ଥାର ସଦସ୍ୟ ଆଡ୍ ଭୋକେଟ୍ ଦୀପକ କୁମାର ଖଣ୍ଡେଲୱାଲ ଓ ନିରଂଜନ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବିଶେଷଭାବେ ସେ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି, ବେତନଟୀ ଆନନ୍ଦବଜାର ଦୁର୍ଗାପୂଜା କମିଟି, ହନୁମାନ ମନ୍ଦିର ପ୍ରତିଷ୍ଠା, ଆନନ୍ଦବଜାରସ୍ଥ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା, ବେତନଟୀ ଓକିଲ ସଂଘର ପ୍ରତିଷ୍ଠାତା ସଂପାଦକ,ଗରିବମାନଙ୍କୁ ମାଗଣାରେ ହୋମିଓପାଥିକ ଚିକିତ୍ସା ଆଦି ବହୁମୁଖି ପ୍ରତିଭାବାନ୍ ଓ ଜଣେ ଉତ୍ତମ ସଂଗଠକର ଛାପ ଛାଡି ଯାଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ପରିଡା, ଉଦିତ୍ କୁମାର ପରିଡା ଆଦି ସହଯୋଗ କରିଥିଲେ । ସର୍ବଶେଷରେ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏକ ପଂକ୍ତି ଭୋଜନରେ ସମସ୍ତେ ଯୋଗଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁରୀ ଓ କେନ୍ଦ୍ରାପଡ଼ା ପ୍ରାର୍ଥୀଙ୍କୁ ....

ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ପୁରୀ ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତ ବିଧାନସଭା କ୍ଷେତ୍ର ପାଇଁ ମଧ୍ୟ ଦଳୀୟ ନେତାମାନଙ୍କୁ ସାଂଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ଦୁଇ ସଂସଦୀୟ କ୍ଷେତ୍ରର ଆଲୋଚନାବେଳେ ସାଂଗଠନିକ ସମ୍ପାଦକଙ୍କ ସମେତ ଦଳୀୟ ପର୍ଯ୍ୟବେକ୍ଷକମାନେ ମଧ୍ୟ ଉପସ୍ଥିତ ଥିଲେ। ବିଜେଡି ସୂତ୍ର ଅନୁସାରେ, ପୁରୀ ସଂସଦୀୟ କ୍ଷେତ୍ରର ସମସ୍ତ ୭ଟି ଯାକ ବିଧାନସଭା ଆସନ ଓ ଲୋକସଭା ଆସନ ପାଇଁ ଦଳୀୟ ନେତାଙ୍କୁ ସାଂଗଠନିକ କାର୍ଯ୍ୟ ଜୋରଦାର କରିବାକୁ ପରାମର୍ଶ ଦିଆଯାଇଛି। ଆଜିର ବୈଠକରେ ପୁରୀ ସଂସଦୀୟ ଆସନରୁ ଅରୂପ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ହେବେ ବୋଲି ବିଜେଡି ନେତୃତ୍ୱ ସବୁଜ ସଙ୍କେତ ଦେଇଛନ୍ତି। ଏହାଛଡ଼ା ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୟାଗଡ଼ ବିଧାନସଭା ଆସନରୁ ଅରୁଣ ସାହୁ, ରଣପୁରରୁ ସତ୍ୟନାରାୟଣ ପ୍ରଧାନ, ଚିଲିକାରୁ ପ୍ରସନ୍ନ ପାଟଶାଣୀ, ବ୍ରହ୍ମଗିରିରୁ ଉମା ସାମନ୍ତରାୟ,ସତ୍ୟବାଦୀରୁ ସଞ୍ଜୟ ଦାସବର୍ମା, ପିପିଲିରୁ ରୁଦ୍ର ମହାରଥୀ ଓ ପୁରୀରୁ ସୁନୀଲ ମହାନ୍ତି (ଦିବଂଗତ ମହେଶ୍ୱର ମହାନ୍ତିଙ୍କ ପୁଅ) ଙ୍କୁ ଦଳୀୟ ସଂଗଠନ କାର୍ଯ୍ୟକ୍ରମ କରିବା ପାଇଁ ସଙ୍କେତ ଦିଆଯାଇଛି। ସେହିପରି ଅପରାହ୍ନରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ପାଇଁ ବୈଠକ ଡାକି ଦଳ କଂଗ୍ରେସରୁ ଆଗତ ଅଂଶୁମାନ ମହାନ୍ତିଙ୍କୁ ଲୋକସଭା ପ୍ରାର୍ଥୀ କରିବ ବୋଲି ଗ୍ରୀନ୍ ସିଗନାଲ ଦେଇଛି।

### ମଙ୍ଗଳବାର, ବୁଧବାର ପ୍ରବଳ....

ପର୍ଯ୍ୟନ୍ତ ବର୍ଷା ହେବ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ବଜ୍ରପାତ ସହ ଘଡ଼ଘଡ଼ି ହୋଇପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୪୫ରୁ ୫୫ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ସମ୍ବଲପୁର,ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ।

### ସରକାରୀ ବିଜ୍ଞାପନରେ....

ଯାହାକି ନିର୍ବାଚନ ଆଇନର ଉଲ୍ଲଂଘନ କରୁଛି। ଏହାଛଡ଼ା ଏସବୁ ବିଜ୍ଞାପନରେ ଶଙ୍ଖ ଚିହ୍ନର ବ୍ୟବହାର ନିର୍ବାଚନ ଚିହ୍ନ ନିୟମାବଳୀ ୧୯୬୮ର ଉଲ୍ଲଂଘନ କରୁଛି ବୋଲି କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ ଯତୀନ ମହାନ୍ତି। କମିଶନ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସେ ପ୍ରଥମେ ସୁପ୍ରିମକୋର୍ଟ ଯାଇଥିଲେ। ପରେ ଦିଲ୍ଲୀ ହାଇକୋର୍ଟ ଯାଇଥିଲେ ଏବଂ ଶେଷରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟରେ ମାମଲାର ଶୁଣାଣି ହେବା ପୂର୍ବରୁ ଯତୀନଙ୍କ ଅଭିଯୋଗ ଆଧାରରେ ଜବାବ ଦେବାକୁ ଉଭୟ ରାଜ୍ୟ ସରକାର ଏବଂ ବିଜେଡିକୁ ନିର୍ବାଚନ କମିଶନ ନୋଟିସ ଜାରି କରିଥିଲେ। କମିଶନ ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିବାରୁ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ତେବେ କମିଶନଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହେଲେ ଆବେଦନକାରୀ ପୁନର୍ବାର ହାଇକୋର୍ଟ ଆସି ପାରିବେ ବୋଲି ମାମଲାର ଶୁଣାଣି କରିଥିବା ଖଣ୍ଡପୀଠ କହିଛନ୍ତି।

### ମହମ୍ମଦ ମୋକିମଙ୍କୁ ....

ଛାଡ଼ି ଯାଇଥିଲେ। ନାମାଙ୍କନ ପତ୍ରରେ ଏ ସମ୍ପର୍କିତ ତଥ୍ୟ ଲୁଚାଇଥିବାରୁ ତାହା ଜଞ୍ଜଓ ଆକ୍ଟକୁ ଉଲ୍ଲଘଂନ କରୁଛି ବୋଲି ବିଜେଡି ନେତା ତଥା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବାଶିଷ ସାମନ୍ତରାୟ ଅଭିଯୋଗ କରିଥିଲେ। ଦେବାଶିଷ ଏନେଇ ୨୦୧୯ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ରୁଜୁ କରିଥିଲେ। ସେହି ଆଧାରରେ କୋର୍ଟ ପକ୍ଷରୁ ଉଭୟ ପକ୍ଷଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ବି ଉପସ୍ଥାପନ କରାଯାଇଥିଲା। ଦୀର୍ଘ ଦିନ ଧରି ଏହି ମାମଲା ଚାଲିଥିବା ବେଳେ ଗତ ୪ ତାରିଖରେ ହାଇକୋର୍ଟ ରାୟ ପ୍ରକାଶ କରି ମହମ୍ମଦ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ।

### ବିହାର ଏନଡିଏରେ....

ନେତା ରାଜୁ ତିୱାରୀ କହିଛନ୍ତି ଯେ, ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ କଥାବାର୍ତ୍ତା ପରେ ଆମକୁ ୫ଟି ସିଟ୍ ମିଳିଛି । ତେବେ ସେ ଆଶ୍ୱସ୍ତ କରିଛନ୍ତି ଯେ, କେବଳ ୫ଟି ସିଟ୍ ନୁହେଁ, ବରଂ ଏନଡିଏ ସମସ୍ତ ୪୦ଟି ସିଟରେ ବିଜୟୀ ହେବ । ତା ସହ ଜେଡିୟୁ ନେତା ସଞ୍ଜୟ ଝା ଏବଂ ରାଜ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଥିବା ସମ୍ରାଟ ଚୌଧୁରୀ ମଧ୍ୟ ଏନଡିଏ ୪୦ଟି ସିଟ୍ ଜିତିବା ନେଇ ଦମ୍ଭୋକ୍ତି ଦେଖାଇଛନ୍ତି । ଜାଣିରଖିବା ଉଚିତ୍ ଯେ, ବିହାରରେ ୭ଟି ଚରଣରେ ନିର୍ବାଚନ ହେବାକୁ ଅଛି । ୧୯ ଏପ୍ରିଲ ସହିତ ୨୬ ଏପ୍ରିଲ, ମେ ୭, ମେ ୧୩, ମେ ୨୦, ମେ ୨୫ ଏବଂ ଜୁନ୍ ୧ରେ ବିହାରରେ ଭୋଟ୍ ପଡିବାକୁ ଅଛି । ପ୍ରଥମ ଚରଣରେ ୪ଟି ସିଟ୍, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଚରଣରେ ୫ଟି ଲେଖାଏଁ ସିଟରେ ଭୋଟ୍ ପଡିବ । ଏହାପରେ ଷଷ୍ଠ ଓ ସପ୍ତମ ଚରଣରେ ୮ଟି ଲେଖାଏଁ ସିଟରେ ଭୋଟ୍ ହେବ । ଗତ ବର୍ଷ ଲୋକସଭା ନିର୍ବାଚନରେ ଏନଡିଏ ମେଣ୍ଟ ବିହାରର ୪୦ଟି ଆସନରୁ ୩୯ଟି ଲୋକସଭା ଆସନ ଜିତିଥିଲା । ତେଣୁ ଏଥର ମଧ୍ୟ ସେହି ଲକ୍ଷ୍ୟରେ ରହିଛି ଏନଡିଏ ।

## ମା' କାଳୀ ପୂଜା ଓ ଗ୍ରାମୀଣ ମେଳା

ବାଲିଆପାଳ , ୧୮/୩ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ମା କାଳୀ ପୂଜା ଓ ଗ୍ରାମୀଣ ମେଳା କମିଟି ପକ୍ଷରୁ ଶନିବାର ଠୁ ପୂଜା ଓ ମେଳା ଆରମ୍ଭ ହୋଇଛି। ଏକ ସପ୍ତାହ ପାଇଁ ପୂଜା ଓ ମେଳା ଅନୁଷ୍ଠିତ ହେଉଛି। ପ୍ରତିଦିନ ମେଳା ଅବସରରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଛି। ଯାତ୍ରା ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ସରପଞ୍ଚ ଦେବ କୁମାର ଦେ , ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ପରମେଶ୍ୱରୀ ସାହୁ, ଅମୂଲ୍ୟ କୁମାର ସାହୁ ପ୍ରମୁଖ ପୂଜା ଓ ମେଳା କୁ ପରିଚାଳନା କରୁଛନ୍ତି।

## କୁଣ୍ଡୁଳି ଗ୍ରାମ ପଂଚାୟତରେ ଦୋଳ ମେଲଣ ଉଦ୍‌ଘାଟିତ

ବାଲିଆପାଳ , ୧୮/୩ (ନି.ପ୍ର): କୁଣ୍ଡୁଳି ଗ୍ରାମ ପଂଚାୟତର ଦୋଳମେଳଣ ପଡିଆରେ ଦୋଳ ପର୍ବର ଉଦଘାଟନ ଉତ୍ସବଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବକୁ ଦଳିତ ନେତା ତଥା ସମାଜସେବୀ ସଦାଶିବ ସେଠୀ ଉଦଘାଟନ କରି ଦୋଳ ମେଲଣ ର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ସବରେ କବି ତଥା ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସମ୍ପାଦକ ସନ୍ନ୍ୟାସୀ ବେହେରା ପୌରାହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ବାଲିଆପାଳ ବିକାଶ ମଞ୍ଚର ସମ୍ପାଦକ ଅଭିଲାଷ ଖଣ୍ଡା ଓ ଗ୍ରାମର ମୁଖିଆ ସଦାଶିବ ମଲ୍ଲିକ ମଂଚାସୀନ ହୋଇ ଉଦବୋଧନ ପ୍ରଦାନ କରିଥିଲେ ।ଦୋଳପର୍ବର ମୁଖ୍ୟ ପୁରୋଧା ଭୀଷ୍ମ ଚରଣ ମଲ୍ଲିକ , କୁଣ୍ଡୁଳି ଗ୍ରାମର ସ୍ୱେଚ୍ଛା ସେବୀ ସଂଗଠନ ଜନନୀ ପରିବାର ର ମୁଖ୍ୟ ଯମୁନା ମଣି ମଲ୍ଲିକ ଓ ଅନ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ ।ଶେଷରେ ଯମୁନାମଣି ମଲ୍ଲିକ ମଧ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟ ଗୃହର ନବୀକରଣ ଶୁଭାରମ୍ଭ



ବାଲେଶ୍ୱର, ୧୮/୩ (ନି.ପ୍ର): ଗତ ରବିବାର ଦିନ ପୂର୍ବାହ୍ନରେ ଜିଲ୍ଲା ବ୍ରାହ୍ମଣ ସମିତିର ଏକ ସ୍ୱତନ୍ତ୍ର ବୈଠକ ଦାମୋଦରପୁରସ୍ଥିତ କାର୍ଯ୍ୟାଳୟରେ ଡ. କ୍ଷିତିଶ୍ୱର ଦାଶ କାର୍ଯ୍ୟକାରୀ ସଭାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ବେଦପାଠ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ସମିତିକୁ ପ୍ରଦାନ କରିଥିବା ଟ.୨,୦୦,୦୦୦.୦୦ ସରକାରୀ ଅନୁଦାନ ଅର୍ଥରେ ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ଗୃହ ନିର୍ମାଣ ଦିଗରେ ବିନିଯୋଗ ହେଉଥିବାରୁ ବୈଠକରେ ଖୁସିବ୍ୟକ୍ତ କରାଯାଇଥିଲା। ଡ. କ୍ଷିତିଶ୍ୱର ଦାଶ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତି ଏକ ସର୍ବପୁରାତନ ବ୍ରାହ୍ମଣ ଅନୁଷ୍ଠାନ ଓ ବୈଦିକ ସଂସ୍କୃତିର ପ୍ରାଣକେନ୍ଦ୍ର ଭାବେ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସମାଜକୁ ଦିଗ୍‌ଦର୍ଶନ ଦେଉଥିବାରୁ ଏହି ପବିତ୍ର ଅନୁଷ୍ଠାନ ଓ ତା'ର ସମସ୍ତ ସଦସ୍ୟମାନଙ୍କୁ ପ୍ରଣାମ କରି ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ତତ୍‌ପରେ ସାଧାରଣ ସଂପାଦକ ଶ୍ରୀ ଗୌରଚନ୍ଦ୍ର ଦାଶ ବିବରଣୀ ପାଠ କରିଥିଲେ। ସମିତିର ସଭାପତି ଡା. ଶ୍ରୀଶ କୁମାର ଦାଶ ଏହି ଶତାୟୁ ଅନୁଷ୍ଠାନର ଗୌରବମୟ ଐତିହ୍ୟ ସଂପର୍କରେ ସୂଚନା ପ୍ରଦାନ କରି ଉକ୍ତ ବେଦ ବିଦ୍ୟାଳୟର ପୁନଃ କାର୍ଯ୍ୟକ୍ଷମ ହେବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରି ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ସାଧାରଣ ସଂପାଦକ ବୈଠକରେ ପାଠ କରିଥିଲେ। ସଦର ବିଧାୟକଙ୍କ ସରକାରୀ ଅନୁଦାନ ପାଣ୍ଠିରେ ସମିତିଦ୍ୱାରା ନିର୍ମାଣ ହୋଇଥିବା ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ନିର୍ମାଣାଧୀନ ଗୃହକୁ ବୈଠକରେ ଉପସ୍ଥିତ ସଦସ୍ୟମାନେ ବୁଲି ଦେଖିଥିଲେ ଏବଂ ଖୁସିବ୍ୟକ୍ତ କରିଥିଲେ। ଏତଦ୍‌ବ୍ୟତୀତ ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସ ରାଣୀ ଆନନ୍ଦ କୁମାରୀ ବେଦ ବିଦ୍ୟାଳୟର ନିର୍ମାଣ ବାବଦକୁ ଦ୍ୱିତୀୟ ପର୍ଯ୍ୟାୟରେ ପୁନରାୟ ଟ. ୩,୦୦,୦୦୦.୦୦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ମଞ୍ଜୁର କରିଥିବାରୁ ସାଧାରଣ ସଂପାଦକ ଶ୍ରୀ ଦାଶ ବୈଠକରେ ସୂଚନା ପ୍ରଦାନ କରିଥିଲେ। ସେଥିପାଇଁ ବୈଠକଦ୍ୱାରା ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ସଦର ବିଧାୟକ ମହାଶୟଙ୍କୁ ବ୍ରାହ୍ମଣ ସମାଜ ତରଫରୁ ବୈଠକରେ କୃତଜ୍ଞତା ଜ୍ଞାପନ କରାଗଲା। ସମିତିକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାପ୍ତ ହେବାକୁ ଥିବା ସରକାରୀ ଅର୍ଥର ବିନିଯୋଗ କାର୍ଯ୍ୟ ତଦାରଖ ଓ ପରିଚାଳନା ପାଇଁ ସମିତିଦ୍ୱାରା ବୈଠକରେ ଏକ ନିର୍ମାଣ କମିଟି ଗଠନ କରାଗଲା। ସମିତିର ନିର୍ମାଣାଧୀନ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ଉପସ୍ଥିତ ସଦସ୍ୟଗଣ ନିଜନିଜର ବକ୍ତବ୍ୟ ରଖିଥିଲେ। ଡ. ଗୌରସାଧନ ମିଶ୍ର ଉକ୍ତ ସରକାରୀ ଅର୍ଥ ମଂଜୁରୀ ଦିଗରେ ବିଧାୟକଙ୍କ ସହିତ ଯୋଗାଯୋଗ କରି ବିଦ୍ୟାଳୟ ନିର୍ମାଣ ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ ବୈଠକରେ ତାଙ୍କୁ ଧନ୍ୟବାଦ ଅର୍ପଣ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ଧର୍ମପଦ ମିଶ୍ର, ରମାକାନ୍ତ ଦୀକ୍ଷିତ୍, ଗଣେଶ୍ୱର ପଣ୍ଡା, ଶାନ୍ତିସ୍ୱରୂପ ମିଶ୍ର, ବୀରେନ୍ଦ୍ର କୁମାର କର, କ୍ଷିତୀଶ ଚନ୍ଦ୍ର ପଣ୍ଡା, ଭଗବାନ ଆଚାର୍ଯ୍ୟ, ଅଶୋକ କୁମାର ତ୍ରିପାଠୀ, ଚନ୍ଦ୍ରାଂଶୁ ବାନାର୍ଜୀ, ନିରାକାର ଦାଶ, ପୁଣ୍ୟଶ୍ଳୋକ ନନ୍ଦ, ଡ. ଯଦୁନାଥ ମିଶ୍ର ଓ ମାନସ କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବୈଠକରେ ସ୍ୱ ସ୍ୱ ବକ୍ତବ୍ୟ ରଖିଥିଲେ। ପରିଶେଷରେ ଧର୍ମବ୍ରତ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବାଜା ବାଣ ରୋଷଣୀ ବିକଟାଳ ଶବ୍ଦ, ଲୋକେ ବିରକ୍ତ: ପ୍ରଶାସନ ନୀରବ

ଖୋର୍ଦ୍ଧା, ୧୮/୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ପାଳ ସଭା ଗୃହରେ ଏକ ଜରୁରୀ ସଭ୍ୟ,ଆସନ୍ତା ୨୦୨୪ ନିର୍ବାଚନ ବିଷୟ ଆଲୋଚନା ଓ ପ୍ରଲୋଚନା ହୋଇ ଥିଲା। ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀଯୁକ୍ତ ଚଞ୍ଚଳ ରାଣା ସଭାପତିତ୍ୱ ରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ପାଳ ପ୍ରତାପ କୁ ବେଉରା (ଜେନେରାଲ,) ଖୋର୍ଦ୍ଧା ଅତିରିକ୍ତ ଏସପି, ଶ୍ରୀଯୁକ୍ତ ମୁର୍ମୁ, ନିର୍ବାଚନ ଦାଇତ୍ୱ ଥିବା ଅଧିକାରୀ ଓ ଖୋର୍ଦ୍ଧା ସାମ୍ବାଦିକ ମାନେ ଯୋଗ୍ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ନିର୍ବାଚନ ଆଚରଣ ବିଧି ଓ ବିଭିନ୍ନ ପ୍ରଚାର ପ୍ରସାର ବାଜା ଓ ଶବ୍ଦ ପ୍ରତୁଷଣ ଉପର କଡ଼ା କଡି ନିୟମ କରିବେ ବୋଲି କହିଥିଲେ।ଗଣ ମାଧ୍ୟମ ପ୍ରତିନିଧି ଙ୍କ ବିଭିନ୍ନ ପ୍ରଶ୍ନ ଉତ୍ତର ଦେଇଥିଲେ। କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ ଖୋର୍ଦ୍ଧା ଉପ ଜିଲ୍ଲାପାଳ ବିବାହ, ବ୍ରତ ଆଦିକୁ ପରାମିଶନ ଦେଉଛନ୍ତି ଓ ଖୋର୍ଦ୍ଧା ପୋଲିସକୁ କପି ଦେଇ ଚୁପ ହୋଇ ବସି ଯାଉଛନ୍ତି। ଖୋର୍ଦ୍ଧା ହେଉଛି ଜିଲ୍ଲାର ମୁଖ୍ୟାଳୟ ଓ ସହର ଭିତରେ ବହୁ କଲ୍ୟାଣ ମଣ୍ଡପ ଅଛି। ୪ ରୁ ଅଧିକ କଲ୍ୟାଣ ମଣ୍ଡପ ଖୋର୍ଦ୍ଧା ୫ ନମ୍ବର ୱାର୍ଡରେ ,ପୁଣି ଏକ ଯାତ୍ରୀ ନିବାସ ଅଛି। ବିବାହ ବ୍ରତ ଆଦି ହେଲେ ଖୋର୍ଦ୍ଧା ଉପ ଜିଲ୍ଲାପାଳ ଓ ଖୋର୍ଦ୍ଧା ପୋଲିସ ବେପରୁଆ ଭାବ। ରାଜଧାନୀ ଭୁବନେଶ୍ୱର ରାତି ଦଶଟା ପରେ ବିବାହ ପ୍ରସେସନ , ବାଜା ,ବାଣ ଓ ମଦୁଆ ବରଯାତ୍ରୀ ଉପରେ ପୋଲିସ କଡ଼ା ନଜର ରଖନ୍ତି ।ଏପରିକି ପୋଲିସ କଡନ ରେ ବିବାହ ଓ ବରଯାତ୍ରୀ ଯାଆନ୍ତି ମାତ୍ର ଖୋର୍ଦ୍ଧା ରେ ଓଲଟା। ଖୋର୍ଦ୍ଧା ମୁଖ୍ୟ ଦପ୍ତର ଓ ସହରରେ ଏହାର କଟକଣା ଶୁନ୍ନ। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସରକାରୀ ବାସ ଗୃହ ଓ ଉପ ଜିଲ୍ଲାପାଳ ସମସ୍ତେ ପିଲା ଛୁଆ ଥରି ରହନ୍ତି। ଖୋର୍ଦ୍ଧାରେ ରାତି ୧୨, ଟା କି ଏକଟା ପର୍ଯ୍ୟନ୍ତ ବିକଟାଳ ଡିଜେ ସାଉଣ୍ଡ, ବାଣ, ବମ୍ବ ଆଦି ଫୁଟେ ଯାହା ସ୍ଥାନୀୟ ବାସିନ୍ଦା ଅସ୍ତ ବେସ୍ତ ଓ ଶୋଇ ପାରନ୍ତି ନାହିଁ। ପୋଲିସ ଓ ଖୋର୍ଦ୍ଧା ଉପ ଜିଲ୍ଲା ପାଳ କଣ ଏହି ସାଉଣ୍ଡ ଶୁଣିପାରନ୍ତି। ଏହି ବାବଦରେ ଖୋରଧା ଯୁବ କିଲାପାଳ ଓ ଖୋରଧା ଏ ,ସପି , ଦୃଷ୍ଟି ଦେବେ ବୋଲି ନିର୍ଭର ପ୍ରତିଶୃତି ଗଣମାଧ୍ୟମ ପ୍ରତିନିଧି ଙ୍କୁ ଦେଇ ଥିଲେ । ଆଗକୁ କିପରି ଜିଲ୍ଲା ପାଳଙ୍କ ଉକ୍ତି କାର୍ଯ୍ୟ କାରୀ ହେବ ଦେଖିବାର ଅଛି ।ରାତି ଦଶଟା ପରେ ଏହା ବନ୍ଦ ହେଉଛି କି ନାହିଁ ।ଖୋର୍ଦ୍ଧା ପ୍ରଶାସନ କିପରି ବନ୍ଦ କରୁଛନ୍ତି ଖୋର୍ଦ୍ଧା ସହର ବାସୀ ଦେଖିବାର ଅଛି।

## ଗ୍ରାମାଞ୍ଚଳରେ ପସରା ମେଲାଇଲେ ଦେହ ବ୍ୟବସାୟୀ: ମାଡିବସିଲେ ଗ୍ରାମବାସୀ

ନୀଳଗିରି , ୧୮/୩ (ନି.ପ୍ର): ଗାଁ ମଝିରେ ସମସ୍ତଙ୍କ ଅଗୋଚରରେ ଚାଲିଥିଲା ଦେହବ୍ୟବସାୟ। ଜାଣିପାରି ରଙ୍ଗେହାତ ମାଡିବସିଲେ ଗ୍ରାମବାସୀ।ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା କେପିଲାଖରାଜ ପଞ୍ଚାୟତ ମଖାପଦା ଗ୍ରାମର ବାଦାମବାଡି ଅଞ୍ଚଳରେ । ଦୀର୍ଘଦିନ ହେବ ଉକ୍ତ ଘରକୁ ବାହାର ଲୋକଙ୍କ ଭିଡ ଜମୁଥିବା ବେଳେ ବଡବଡ ଗାଡି ମଧ୍ୟ ଘର ସାମ୍ନାରେ ଲାଗୁଥିଲା । ଫଳରେ ଗ୍ରାମବାସୀଙ୍କ ଦ୍ୱାରା ଅନେକ ସମୟରେ ଦେହ ବ୍ୟବସାୟ ହେଉଥିବାର ଅଭିଯୋଗ ହୋଇଆସୁଥିଲା। ଗ୍ରାମବାସୀ ରବିବାର ସନ୍ଧ୍ୟା ସମୟରେ ସନ୍ଦେହ କରି ଉକ୍ତ ଘର ଉପରେ ଅତର୍କିତ ଚଢାଉ କରିଥିଲେ। ଅସଂଜତ ଅବସ୍ଥାରେ ଥିବା ଦୁଇ ଯୁବକଙ୍କୁ ଧରିବା ସହିତ ଉଭୟଙ୍କୁ ଗୋଟିଏ ଗଛରେ ବାନ୍ଧିବା ସହ ଦୁଇ ଯୁବତୀ ଓ ଜଣେ ମହିଳାଙ୍କୁ ଅଟକ ରଖି ନୀଳଗିରି ପୋଲିସକୁ ଅବଗତ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ ଯୁବତୀ ରାଣୀମହୁମାଛୀ କୁହାଯାଉଥିବା ମହିଳା ସମେତ ଦୁଇ ଯୁବକଙ୍କୁ ଉଦ୍ଧାର କରି ଆଣି ଅଟକ ରଖିବା ସହ ପଚରାଉଚୁରା ଜାରିରଖିଛି। ଦୁଇ ଝିଅ ଭୁବନେଶ୍ୱର ଓ ଉଦଳା ଅଞ୍ଚଳର ହୋଇଥିବା ବେଳେ ପୁଅ ଦୁଇଜଣଙ୍କ ମଧ୍ୟରୁ ଜଣେ ବାଲେଶ୍ୱର ଓ ଅନ୍ୟ ଜଣେ ଉଦଳାର ବୋଲି ଜଣାପଡିଛି । ନୀଳଗିରି ପୋଲିସ ଘଟଣା ସ୍ଥଳରୁ ତିନୋଟି ବାଇକ ଓ ଗୋଟିଏ କାର ମଧ୍ୟ ଜବତ କରିଛି। ଏନେଇ ନୀଳଗିରି ଥାନାରେ ୬୮/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଯୁବତୀ ଦୁଇ ଜଣକୁ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ବେଳେ କିଙ୍ଗପିନ୍ କୁହାଯାଉଥିବା ମହିଳା ସମେତ ଦୁଇ ଗ୍ରାହକ ଯୁବକଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ସାହିତ୍ୟୋତ୍ସବ ଓ କବି ସମ୍ମିଳନୀ




କଣ୍ଟାପଡ଼ା , ୧୮/୩ (ନି.ପ୍ର): ରବିବାର ଦିନ କଣ୍ଟାପଡ଼ା ବ୍ଲକ ବାଇରୋଇ ସ୍ଥିତ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ସଭାଗୃହରେ ପୁରୀ ଜିଲ୍ଲା କଣାସ ବ୍ଲକ କାଦୁଆ ପଞ୍ଚାୟତର ଭାଟପଡ଼ା ସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ସାହିତ୍ୟୋତ୍ସବ ଓ କବି ସମ୍ମିଳନୀ କୁମାରକବି ପ୍ରଶାନ୍ତ ବାହିନୀପତିଙ୍କ ସଭାପତିତ୍ୱ ଓ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତିଙ୍କ ସମ୍ପାଦନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀଯୁକ୍ତ ଶଶଧର ପଣ୍ଡା, ମୁଖ୍ୟ ବକ୍ତା ଭାବେ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଡକ୍ଟର କୁମାର ଗୋପାଲ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଔପନ୍ୟାସିକା , ଗାଳ୍ପିକା ଦେବଯାନୀ ଦାସ , ଉପସଭାପତି ହାସ୍ୟକୁମୁଦ ସମ୍ପଦ କୁମାର ରଥ ଥିବା ବେଳେ ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମଣ ସାହୁ ଓ ଉପଦେଷ୍ଟା ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟ ଯୋଗଦାନ କରି ରୀତି ଯୁଗ ସାହିତ୍ୟ ଉପରେ ଆଲୋଚନା କରିଥିଲେ ଏବଂ ସଂସଦର ସମସ୍ତ କର୍ମକର୍ତ୍ତାଙ୍କୁ ଆଇ କାର୍ଡ଼ ଓ ପ୍ରେସ୍ କାର୍ଡ ପ୍ରଦାନ କରାଯାଇଥିଲା । ଉକ୍ତ ଆସରରେ ସଂସଦର ମାସିକ ଖବରକାଗଜ 'ସୁଦେଷ୍ଣା', କାଦମ୍ବିନୀ ଖୁଣ୍ଟିଆଙ୍କ କବିତା ପୁସ୍ତକ 'ସ୍ୱୟଂସମ୍ପୂର୍ଣ୍ଣା' ଓ ଉଷାରାଣୀ ପଣ୍ଡାଙ୍କ କବିତା ପୁସ୍ତକ 'ଉଷା ବନ୍ଦନ' ଉନ୍ମୋଚନ କରାଯାଇଥିଲା ଏବଂ ପ୍ରକାଶକ ଶ୍ରୀଯୁକ୍ତ ପ୍ରକାଶ ନନ୍ଦଙ୍କୁ ପ୍ରୀତି ଉପହାର ଦିଆଯାଇଥିଲା । ପ୍ରାୟ ୧୩ ଜଣ ସ୍ରଷ୍ଟାଙ୍କୁ ସମ୍ମାନିତ କରାଯାଇଥିଲା । ସୁଶ୍ରୀ କଳ୍ପନା ପଣ୍ଡାଙ୍କୁ ସହସମ୍ପାଦିକା ଭାବେ ସଂସଦର ଦାୟିତ୍ୱ ଅର୍ପଣ କରାଯାଇଥିଲା । ସାମ୍ବାଦିକଓ ମାନଙ୍କୁ ଉପଢ଼ୌକନ ଓ ପୁଷ୍ପ ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ଆଲୋକ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା କଲେଜ ଛାତ୍ରୀ ଅପହରଣ ଘଟଣା: ୧୦ ଦିନ ପରେବି ମାମଲା ରୁଜୁ କରୁନି ପୋଲିସ

ବସ୍ତା, ୧୮/୩ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଛଚିନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ଅପହରଣ ଘଟଣାକୁ ୧୦ ଦିନ ବିତିଗଲାଣି । ନାବାଳିକାକୁ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଛି । ଏଯାବତ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଏପରିକି ଥାନାରେ କୌଣସି ମାମଲା ରୁଜୁ ନକରି ଚୁପ ବସିବା ପୋଲିସର ପରିବାପଣିଆକୁ ପଦାରେ ପକାଇଛି । ବାଧ୍ୟ ହୋଇ ନାବାଳିକାଙ୍କ ବାପା ନ୍ୟାୟ ପାଇଁ ସୋମବାର ବାଲେଶ୍ୱର ଏସପି ସାଗରିକା ନାଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । +୨ଦ୍ୱିତୀୟ ବାର୍ଷିକ ପରୀକ୍ଷା ଦେବାକୁ ନାବାଳିକା ଛାତ୍ରୀ ଜଣକ ଗତ ୯ ତାରିଖ ରେ ଛଚିନା ଚିନ୍ତାମଣି ମହାବିଦ୍ୟାଳୟକୁ ଯାଇଥିଲା । ବସ୍ତା ଥାନା ଓଲାଡ଼ି ଗ୍ରାମର ଯୁବକ ହିମାଂଶୁ ମହାନ୍ତି କଲେଜ ନିକଟରୁ ଛାତ୍ରୀ ଜଣକୁ ଅପହରଣ କରିଥିବା ନେଇ ଗତ ୧୧ତାରିଖରେ ବସ୍ତା ଥାନାରେ ଅଭିଯୋଗ ହୋଇଥିଲା । ଆସନ୍ତା ୨୦ ତାରିଖରେ ଛାତ୍ରୀ ଜଣଙ୍କର ଅନ୍ୟ ଏକ ପରୀକ୍ଷା ଥିବାରୁ ନାବାଳିକାଙ୍କ ପରିବାରଲୋକେ ବାରମ୍ବାର ଥାନାକୁ ଯାଇ ହତାଶ ହୋଇଥିଲେ । ହିମାଂଶୁଙ୍କ ବାପା ଗୌରହରି, ଭିଣୋଇ ଛଚିନା ଗ୍ରାମର ଶଶିକାନ୍ତ ମହାପାତ୍ର ଓ ଭଉଣୀ ରିତାମଣୀଙ୍କ ସଲାସୁତୁରାରେ ହିମାଂଶୁ ନାବାଳିକା ଛାତ୍ରୀଙ୍କୁ ଅପହରଣ କରିଥିବା ଏତେଲାରେ ଦର୍ଶାଯାଇଛି । ନାବାଳିକାଙ୍କ ବାପା ସୋମବାର ଏସପିଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ , ଶିଶୁ ମଙ୍ଗଳ କମିଟିକୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ନାଥ କହିଛନ୍ତି । ବସ୍ତା ଥାନା ଆଇଆଇସି ଗୋବିନ୍ଦ ବେହେରା ନାବାଳିକା ଉଦ୍ଧାର ଦିଗରେ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି । ଅପରପକ୍ଷରେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଶୀଘ୍ର ଝିଅକୁ ଉଦ୍ଧାର ପାଇଁ ପରିବାରଲୋକେ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ନିର୍ବାଚନ ସୁପରିଚାଳନା ପାଇଁ ବେତନଟୀ ଓ ବୈଶିଙ୍ଗା ପୋଲିସ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠିତ

ବେତନଟୀ, ୧୮/୩ (ନି.ପ୍ର): ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଆଚରଣ ସଂହିତା ବିଧିକୁ ଦୃଷ୍ଟିରେ ରଖି ବେତନଟୀ ଏବଂ ବୈଶିଙ୍ଗା ଥାନା ପକ୍ଷରୁ ୨ଟି ସ୍ୱତନ୍ତ୍ର ଫ୍ଲାଇଁସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଛି । ବେତନଟୀ ଫ୍ଲାଇଂସ୍କ୍ୱାର୍ଡ ଟିମରେ ମାଜିଷ୍ଟ୍ରେଟ ଭାବରେ କୃଷି ବିଭାଗର ଅଧିକାରିଣୀ ସ୍ନେହାଶ୍ରୀ ସାହୁ ରହିଥିବା ବେଳେ ତାଙ୍କ ସହିତ ବେତନଟୀଥାନା ସବଇନସ୍ପେକ୍ଟର ନିରଞ୍ଜନ ସେଠୀ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀ ରହିଛନ୍ତି । ସେହିଭଳି ବୈଶିଙ୍ଗା ଥାନା ନିମନ୍ତେ ହୋଇଥିବା ଫ୍ଲାଇଂସ୍କ୍ୱାର୍ଡ ଟିମରେ ମାଜିଷ୍ଟ୍ରେଟ ଭାବରେ ସମବାୟ ବିଭାଗର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ବାଦଲ କୁମାର ସାହାଣୀଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ତାଙ୍କର ହଠାତ୍ ମୟୂରଭଞ୍ଜ ଜିଲାରୁ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ତାଙ୍କ ସ୍ଥାନରେ କିଏ ମାଜିଷ୍ଟ୍ରେଟ ଦାୟୀତ୍ୱରେ ରହିବେ ସେନେଇ କାଲି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବ ବୋଲି ଜଣାପଡିଛି । ବୈଶିଙ୍ଗା ଫ୍ଲାଇଂସ୍କ୍ୱାର୍ଡ ଟିମରେ ସବଇନସ୍ପେକ୍ଟର ଦେବାଶିଷ ମଣ୍ଡଳଙ୍କ ସମେତ ଏକାଧିକ ପୋଲିସ କର୍ମଚାରୀ ରହିଛନ୍ତି । ତେବେ ଦୁଇଟି ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ବଡସାହି ନିର୍ବାଚନମଣ୍ଡଳୀ ଅଧୀନସ୍ଥ ନିଜନିଜ ଥାନା ଇଲାକାରେ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ରହିଛି । ନିର୍ବାଚନରେ ମତଦାତାଙ୍କୁ ପ୍ରଭାବିତ କରିବାକୁ ଟଙ୍କା, ମଦ କିମ୍ବା କୌଣସି ପ୍ରକାର ବେଆଇନଗତ କାର୍ଯ୍ୟ କଳାପ ଉପରେ ଚଢାଉକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜଣାଯାଇଛି । ସେହିଭଳି ମତଦାତାଙ୍କୁ ପ୍ରଭାବିତ କରିବା ଭଳି ସରକାରୀ କିମ୍ବା ବେସରକାରୀ ହୋଡିଂ, ବ୍ୟାନର କିମ୍ବା ପୋଷ୍ଟର ଗୁଡିକୁ ଅପସାରଣ କିମ୍ବା ସିଲ୍ କରିବାର କାମ କରିବାକୁ ଥିବାବେଳେ ହୋଡିଂ ଅପସାରଣ ଓ ସିଲ କାର୍ଯ୍ୟ ଆରମ୍ଭ ହୋଇଯାଇଛି ।

# କୋଟସାହି ପଂଚାୟତର ଏସ୍ଏଚ୍‌ଜି ୪ଦଫା ଦାବିରେ ବିଡିଓଙ୍କୁ ଦାବିପତ୍ର



ଜଳେଶ୍ୱର , ୧୮/୩ (ନି.ପ୍ର): ରାଜ୍ୟ ସରକାର ସ୍ୱୟଂ ସହାୟିକ ଗୋଷ୍ଠୀର ମହିଳାଙ୍କୁ ବିଭିନ୍ନ ଯୋଜନାରେ ସ୍ୱାବଲମ୍ବୀ କରି ସମାଜରେ ମୁଖ୍ୟସ୍ରୋତରେ ପହଞ୍ଚାଇବାର ବ୍ୟବସ୍ଥା କରିଛନ୍ତି । ଗୋଷ୍ଠୀର ଲିଡର ମାନଙ୍କୁ ଭତ୍ତା ପ୍ରଦାନ, ଡ୍ରେସ୍‌କୋଡ ଓ ବିନା ସୁଧର ୧ଲକ୍ଷ ଟଙ୍କାର ସ୍କୁଟି ଦେବାର ବ୍ୟବସ୍ଥା କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀକୁ ଡ୍ରେସକୋଡ ଓ ବିନା ସୁଧରେ ୧୦ ଲକ୍ଷ ଟଙ୍କା ଋଣ ଦେବାର ବ୍ୟବସ୍ଥା ହୋଇଛି । କିନ୍ତୁ କୋଟ ସାହି ପଂଚାୟତର ୫୦ରୁ ଉର୍ଦ୍ଧ ମହିଳାମାନେ ସେମାନଙ୍କୁ ନ୍ୟାୟ ଲାଗି ୪ଦଫା ଦାବି ନେଇ ଅତିରିକ୍ତ ବିଡିଓ ମାୟାଧର ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି । ଏଥିରେ ସଭାପତି ଓ ସଂପାଦକ ସ୍ଥାୟୀ ନିଯୁକ୍ତି, ସଦସ୍ୟାଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା, ବ୍ୟାଙ୍କ ଋଣ ପରିଶୋଧର ଅବଧି ୩୬ ମାସକୁ ବୃଦ୍ଧି ଏବଂ ଋଣ ପରିମାଣର ଶତକଡା ୩୦ଭାଗ ଛାଡ କରିବା ଲାଗି ଦାବିପତ୍ର ପ୍ରଦାନ କରିଛନ୍ତି । ୭ଦିନ ମଧ୍ୟରେ ଦାବି ପୁରଣ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ବାଲେଶ୍ୱର ଦର୍ପଣର ରୌପ୍ୟ ସମାରୋହ ଅନୁଷ୍ଠିତ



ବାଲେଶ୍ୱର, ୧୮/୩ (ନି.ପ୍ର): ବୈଦ୍ୟୁତିକ ଗଣମାଧମ 'ବାଲେଶ୍ୱର ଦର୍ପଣ'ର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍ୟୋଗ ଭବନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ କାଳିକିଙ୍କର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍ ?ଘାଟକ ଭାବରେ ଯୋଗଦାନ କରି ନିରପେକ୍ଷ ସମ୍ବାଦ ପରିବେଷଣରେ ବାଲେଶ୍ୱର ଦର୍ପଣ ଅନନ୍ୟ ପ୍ରେରଣା ବୋଲି କହିଥିଲେ । ମୁଖ୍ୟ ଅତିଥି 'ସମ୍ବାଦ'ର ପୂର୍ବତନ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ ବାଲେଶ୍ୱର ଦର୍ପଣ ଜନଚେତନା, ଜନ ସଚେତନତା, ଜନ ଅଧିକାର ଓ ଜନ କଲ୍ୟାଣର ଏକ ଦର୍ପଣ । ସତ୍ୟ ସହିତ ସଙ୍ଗାତ ବସୁ ଗଣମାଧମ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ପ୍ରଖ୍ୟାତ କବି ବ୍ରଜନାଥ ରଥଙ୍କ ସହ ତାଙ୍କ ସମ୍ପର୍କକୁ ସ୍ମରଣ କରି ତାଙ୍କ ପ୍ରଦର୍ଶିତ ପଥରେ ଚାଲି ତାଙ୍କର କନିଷ୍ଠ ପୁତ୍ର ବ୍ରହ୍ମନାଥ ଓ ପରିବାରର ଅନନ୍ୟ ସଦସ୍ୟମାନେ ଯେଉଁ ସାମାଜିକ ଦାୟିତ୍ୱ ବୈଦ୍ୟୁତିକ ଗଣମାଧମ ଜରିଆରେ ସମ୍ପାଦକ କରୁଛନ୍ତି । ତାହା ପ୍ରଶଂସନୀୟ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଭାବେ ଚଳଚ୍ଚିତ୍ର ସାମ୍ବାଦିକ ଓ ଲେଖକ ବୀରେନ ଦାସ, ବିଶିଷ୍ଟ ସାମ୍ବାଦିକ ଅଶୋକ ଦାସ ବକ୍ତବ୍ୟ ରଖିଥିଲେ । ସଭାପତି ଅଭିଭାଷଣରେ କାଳିକିଙ୍କର କହିଥିଲେ ଯେ 'ବାଲେଶ୍ୱର ଦର୍ପଣ କେବଳ ସମ୍ବାଦ ପରିବେଷଣ କ୍ଷେତ୍ରରେ ନୁହେଁ ଉତ୍ତର ଓଡ଼ିଶାର ପୁରପଲ୍ଲୀର ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ଯେମିତି ପ୍ରତିଷ୍ଠିତ କରିଛନ୍ତି ତାହା ଏକ ବିରଳ ଉଦାହରଣ । ପ୍ରଥମେ ଅତିଥିଙ୍କ ଗହଣରେ ବାଲେଶ୍ୱର ଦର୍ପଣର ୨୫ବର୍ଷ ଯାତ୍ରାର ଏକ ସଂକ୍ଷିପ୍ତ ବୃତ୍ତିଚିତ୍ର ସୂତନୁ ଫୌଜଦାରଙ୍କ ସମ୍ପାଦନାରେ ପ୍ରଦର୍ଶିତ ହୋଇଥିଲା ଓ ସ୍ମରଣିକାକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ବାଲେଶ୍ୱର ଦର୍ପଣର ପ୍ରତିଷ୍ଠାତା କବି ବ୍ରହ୍ମନାଥ ରଥ କେମିତି ବାଲେଶ୍ୱର ଦର୍ପଣରୁ ଶିକ୍ଷା ଓ ତାଲିମ ଗ୍ରହଣ କରି ଆଜି ଅନେକ ଯୁବକ ଯୁବତୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି କହିଥିଲେ । ସାମ୍ବାଦିକା ସୁମନା ପରିଡ଼ା, କ୍ୟାମେରାମେନ ଭବାନୀ ଶଙ୍କର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲେଶ୍ୱର ଦର୍ପଣକୁ ସବୁବେଳେ ସହଯୋଗ ଓ ଶ୍ରଦ୍ଧା କରିଆସୁଥିବା ଦିବଂଗତ ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସଙ୍କୁ ବାଲେଶ୍ୱର ଦର୍ପଣ ଶ୍ରେଷ୍ଠ ମିତ୍ର ସମ୍ମାନ ଓ ଦିବଙ୍ଗତ ସମାଜସେବୀ ଓ ବିଶିଷ୍ଟ ସଂଗଠନ ଅମିତ ବେହେରାଙ୍କୁ ବାଲେଶ୍ୱର ଦର୍ପଣ ଶ୍ରେଷ୍ଠ ସୃଜନ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ କବି ପ୍ରଶାନ୍ତ ଦାସଙ୍କ ରଚିତ ଓ ଗୁରୁ ନନ୍ଦକିଶୋର ଦାସଙ୍କ ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ବେହେରା ମଞ୍ଚ ଆହ୍ୱାନ କରିଥିଲା ବେଳେ ସୁମନା ପରିଡ଼ା, ଅର୍ଚ୍ଚନା ରଥ, ମଞ୍ଜୁଲତା ଶତପଥୀ ଆଦି ମାନପତ୍ର ପାଠ କରିଥିଲେ । ବାଲେଶ୍ୱର ଦର୍ପଣର ପରିଚାଳନା ନିର୍ଦ୍ଦେଶକ ବ୍ୟୋମନାଥ ରଥ ଶେଷ କଥା ରଖିଥିଲେ ।

# ଝିଅର ତଣ୍ଟି ଚିପି ମାରିଦେଲା ବାପା

ଗଞ୍ଜାମ, ୧୮/୩ (ନି.ପ୍ର): ନିଜ ରକ୍ତର ସମ୍ପର୍କକୁ ପର କରିଦେଲା ବାପା। ଅତି ବୀଭତ୍ସ ଭାବେ ନିଜ ଝିଅର ତଣ୍ଟି ଚିପି ମାରିଦେଲା ବାପା! ଏପରି ହୃଦୟ ବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆଲପୁର ଓଡ଼ିଆରପି କଲୋନୀରେ ରହୁଥିଲେ ଗୋପାଳ ବେହେରାଙ୍କ ପରିବାର। ପରିବାର କହିଲେ ପତ୍ନୀ, ୯ ବର୍ଷର ଝିଅ ଓ ୫ ବର୍ଷର ପୁଅ। ଗୋପାଳ ଓ ତାଙ୍କ ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରନ୍ତି। ଯାହା ରୋଜଗାର କରନ୍ତି, ସେଥିରେ ଚଳେ ପୂରା ପରିବାର। ସବୁଦିନ ପରି ଆଜି ସକାଳରେ ଗୋପାଳଙ୍କ ସ୍ତ୍ରୀ ରୋଷେଇ କରୁଥିଲେ। ପୂରା ପରିବାର ସାଙ୍ଗରେ ଖାଇଥିଲେ। ଗୋପାଳ ଓ ପୁଅ ଝିଅଙ୍କୁ ଘରେ ଛାଡ଼ି କାମ କରିବା ପାଇଁ ଯାଇଥିଲେ ପତ୍ନୀ। ସେତେବେଳେ ଘରେ ସବୁ କିଛି ଠିକ୍? ଠାକ୍? ଥିଲା। ମଧ୍ୟାହ୍ନରେ ଆସିଲା ଦୁଃଖଦ ଖବର। ଘର ଭିତରେ ପଡ଼ିଥିଲା ଝିଅର ମୃତଦେହ। ଆଉ ସେଇ ସମୟରେ ଘରେ ନଥିଲେ ଗୋପାଳ। ଝିଅର ମୃତ୍ୟୁ ସମ୍ପର୍କରେ ଗୋପାଳଙ୍କ ପୁଅଠାରୁ ଖବର ପାଇ ଧାଇଁ ଯାଇଥିଲେ ସାହି ପଡ଼ିଶା। ସେତେବେଳେ ବିଛଣାରେ ପଡ଼ିଥିଲା ୯ ବର୍ଷ ଝିଅର ମୃତଦେହ। ସମସ୍ତେ ହତବାଗ ହୋଇଯାଇଥିଲେ। ପଡ଼ୋଶୀ ଏନେଇ ଗୋପାଳଙ୍କ ପତ୍ନୀ ଓ ଥାନାକୁ ଖବର ଦେଇଥିଲେ। ପୁଲିସ ଗାଁରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘରେ ଥିବା ଗୋପାଳଙ୍କ ୫ ବର୍ଷର ପୁଅକୁ ପଚାରା ଉଚରା କରିଥିଲା। ଆଉ ତାପରେ ସବୁ କଥା ଗଳଗଳ ହୋଇ କହି ପକାଇଥିଲା କୁନି ପୁଅ। ବାପା ତଣ୍ଟିଚିପି ମାରିଥିବା ସେ ପୁଲିସ ପାଖରେ କହିଥିଲା।

# ତାତିଲେ ମହିଳା: ଜବଦ କଲେ ମଦ

ଉଦଳା , ୧୮/୩ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକ ଅନ୍ତର୍ଗତ କୋଳିଅଳମ ପଂଚାୟତର ଦୃଶ୍ୟ। ଏହି ପଂଚାୟତର ଅଧିକାଂଶ ଲୋକ ମଦ୍ୟପାନ କରୁଥିବାରୁ ଏଠାକୁ ବାହାରୁ ଲୋକେ ଆସିବାକୁ ଭୟ କରନ୍ତି । ଅତ୍ୟଧିକ ମଦ୍ୟପାନ କରିବା ଯୋଗୁଁ ଖୁବ୍ କମ୍ ବୟସରେ ଅନେକ ଲୋକ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳୁଛି। ଫଳରେ ଏଠାରେ କେତୋଟି ବିଧବା ସାହି ତିଆରି ହୋଇଯାଇଛି । ମୋଟାମୋଟି ଭାବରେ ମଦ୍ୟପାନର ବିଭତ୍ସ ଓ କରୁଣ ଚିତ୍ରର ବାସ୍ତବ ଦୃଶ୍ୟ ଏହି ପଂଚାୟତରେ ଦେଖିବାକୁ ମିଳେ । ତେବେ ମଦ୍ୟପାନକୁ ପ୍ରତିବାଦ ଜଣାଇ ଆଜି ମାର୍ଚ୍ଚ ୧୮ ତାରିଖ ସୋମବାର ଦିନ ଗ୍ରାମର ପ୍ରାୟ ତିନିଶହ ମହିଳା ଏକତ୍ରିତ ହୋଇ ଘରଘର ବୁଲି ଦୁଇଶହ ଲିଟରରୁ



ଅଧିକ ମଦ ଜବଦ କରିଥିଲେ। ପରେ ଗ୍ରାମର ମୁଣ୍ଡରେ ସମସ୍ତେ ଏକତ୍ରିତ ହେବା ସହିତ ମଦ ବିରୁଦ୍ଧରେ ସ୍ଲୋଗାନ ମାନ ଦେଇଥିଲେ । ସରକାର ତୁରନ୍ତ ମଦ ବନ୍ଦ କରନ୍ତୁ ବୋଲି ଦାବି ଜଣାଇବା ସହ ଆଗାମି ଦିନରେ ମଦ ବନ୍ଦ ନହେଲେ ଆନ୍ଦୋଳନର ଚେତାବନୀ ଦେଇଥିଲେ। ଶେଷରେ ଜବଦ ମଦ ଗୁଡ଼ିକରେ ମିଳିତ ଭାବରେ ନିଆଁ ଲଗାଇଦେଇଥିଲେ । ମହିଳା ମାନଙ୍କର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବାର ଶୁଣିବାକୁ ମିଳୁଛି । ତେବେ ଏହି ଘଟଣା ମଦ୍ୟପ ପୁରୁଷ ଲୋକଙ୍କ ମଧରେ ଅଶାନ୍ତିର ବାତାବରଣ ଖେଳାଇ ଦେଇଛି । ଆଗକୁ ନିର୍ବାଚନ ଆସୁଥିବାରୁ ଜମିଥାନ୍ତା ମଦ ମାଂସର ଆସର, କିନ୍ତୁ ସବୁକିଛି ଧୂଳିସାତ କରିଦେଲେ ମହିଳା ମାନେ ବୋଲି ମଦ୍ୟପ ପରୁଷ ଲୋକେ ପରସ୍ପର କୁହାକୁହି ହେଉଥିବାର ଶୁଣିବାକୁ ମିଳିଛି । ମୋଟାମୋଟି ଭାବରେ ମଦୁଆ ମାତାଲି ମାନଙ୍କର ମଧ ଏକ ବେଶ ମଜଭୁତ ସଂଗଠନ ଏଠାରେ ଥିବାର ଜଣାଯାଇଛି ।

# ନୀହାରକନ୍ୟା ସାହିତ୍ୟ ସଂସଦର ସପ୍ତବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ



ସୋର , ୧୮/୩ (ନି.ପ୍ର): ସୋର ବ୍ଲକ ଅନ୍ତର୍ଗତ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଅଧିନସ୍ଥ ନୂଆଗାଁରେ ନୀହାରକନ୍ୟା ସାହିତ୍ୟ ସଂସଦର ସପ୍ତବିଂଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଉଦଘାଟନୀ ଉତ୍ସବରେ ପ୍ରଫେସର ଗଦାଧର ମିଶ୍ର ମୁଖ୍ୟ ଅତିଥି , ବିଶିଷ୍ଟ ସମାଲୋଚକ କବି ହିମାଂଶୁ ପରିଡ଼ା ମୁଖ୍ୟ ବକ୍ତା, ସ୍ମୃତିସାନ୍ତ୍ୱନା ପତ୍ରିକାର ସାପାଦିକା ସବିତା ରଣୀ ବେହେରା ଓ କବୟିତ୍ରୀ ପଦ୍ମଜା ଶରଣ ବରେଣ୍ୟ ବକ୍ତା ଭାବରେ ଯୋଗ ଦେଇ ସାଂପ୍ରତିକ ଓଡ଼ିଆ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଥିଲେ। ଡକ୍ଟର ରବୀନ୍ଦ୍ର କୁମାର ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ କବି ପ୍ରସନ୍ନ କୁମାର ସ୍ୱାଇଁ ମଞ୍ଚ ପରିଚାଳନା, କବି ଶିବାନନ୍ଦ ବାରିକ କବିତା ସଂଯୋଜନା, କବି ବିପ୍ଳବ ରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର ସଂପାଦକ କବି ସୁରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମନୋଜ୍ଞ ଅଧିବେଶନରେ କବି ଇନ୍ଦିରା ଦାଶ, ହରିଶ୍ଚନ୍ଦ୍ର ବେହେରା, ଶ୍ରଦେବ, ସଂଜିତ କୁମାର ବଳ, ରଜୀତ ଦାସ, କୈଳାସ ଚନ୍ଦ୍ର ସାହାଣୀ, ସୁଚରିତା ମହାନ୍ତି, ଭାସ୍କର ବାରିକ , ଲାବଣ୍ୟ ନାୟକ, ଆକାଶ ସାହୁ, କୁଳମଣି ମେହେର, ସନ୍ତୋଷିନୀ ଦାଶ ଗିରି, ଐଶୂର୍ଯ୍ୟା ରାଉତ, ଅର୍ପିତା ପତି, ମନିଷା , ସିପୁନ ଜେନା, ଅମ୍ରିତା ସିଂହ, ଲକ୍ଷ୍ମୀ ପ୍ରିୟା ପୃଷ୍ଟି, କୃଷ୍ଣ ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ମିରୀନା ମହାନ୍ତି, ବିପ୍ଳବ ରଞ୍ଜନ ପତି, ଦେବେନ୍ଦ୍ର ମହାଲିକ, ପତିତପାବନ ପାଣି, ସଂଗ୍ରାମ ମହାରଣା, ବିଶ୍ୱଜିତ ରାଉତ , ଜ୍ୟୋସ୍ନା ପଣ୍ଡା, ମାନସ ରଞ୍ଜନ ସ୍ୱାଇଁ, ଲିପିରେଖା ଶତପଥୀ, ଅନୁରାଧା ମିଶ୍ର, ନୀହାରିକା ରଥ, ବନମାଳୀ ସେନାପତି, ଶୋଭନା ଜେନା, ରାଜୀବ ଗୋପାଳ ସ୍ୱାଇଁ, ସତ୍ୟ ରଞ୍ଜନ ପ୍ରହରାଜ, ବିଚିତ୍ରା ଦାଶ, ମଣିରାମ ଜେନା, ମନୋରଞ୍ଜନ ମୁଦୁଲି, ରମେଶ ନାୟକ, ଖଗେଶ୍ୱର ମହତାବ, ଯୋଗ୍ୟଶ୍ରୀ ସାମଲ, ଲାବଣ୍ୟ ନାୟକ, ମିନତୀ ମିଶ୍ର , ପ୍ରିୟ ପତ୍ରର ସଂପାଦକଙ୍କ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନିମନ୍ତ୍ରିତ ହୋଇ ଆସିଥିବା ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବର ଦ୍ୱିତୀୟ ଅଧିବେଶନରେ ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆଲୋଚନା, ସମ୍ବର୍ଦ୍ଧନା ସଭା ଓ ନୀହାର କନ୍ୟାର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ ସହିତ କବି କୈଳାସ ଚନ୍ଦ୍ର ସାହାଣୀ, କବି ପ୍ରତିଭା ମଞ୍ଜରୀ ଜେନାଙ୍କ କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ପ୍ରକାଶ ମହାପାତ୍ର , ବରେଣ୍ୟ ଅତିଥି ଭାବରେ ଡକ୍ଟର ଅମିୟ ରଞ୍ଜନ ମହାପାତ୍ର, କବି ସରୋଜ ବଳ, ଶିଙ୍ଗାଖୁଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଅନାଦି ଚରଣ ସାମଲ ମୁଖ୍ୟ ବକ୍ତା ଚନ୍ଦ୍ରଭାଗାର ସଂପାଦକ କବି ଶ୍ରୀଦେବ, ବରେଣ୍ୟ ବକ୍ତା ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଯୋଗ ଦେଇ ସାହିତ୍ୟ ଓ ସମାଜ ସଂପର୍କରେ ଆଲୋଚନା କରି ଥିଲେ। ଚଳିତ ବର୍ଷ କବି ପ୍ରଦୀପ୍ତ ପଣ୍ଡା, କବି ଇନ୍ଦିରା ଦାଶ, ଅକ୍ଷୟ ବେହେରା, ନିରଞ୍ଜନ ଜେନା, ଖଗେଶ୍ୱର ମହାନ୍ତି, ମହାଶ୍ୱେତା ସାହୁ, ଯଜ୍ଞଦତ୍ତ ସାମନ୍ତରାୟ, କିଶୋର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ହୋତା, ଜୟନ୍ତୀ ବିଶ୍ୱାଳ ବେଉରିଆ,ମିରୀନା ମହାନ୍ତି, ନରେନ୍ଦ୍ର କୁମାର ଭୋଇ, ମିଲନ୍ କୁମାର ମିଶ୍ର, ସର୍ବାଣୀ ଦାସ, ଦୀପିକା ଦାଶ, ଦେବବ୍ରତ ଦାସ,କେ ବିପ୍ଳବ, ଐଶ୍ୱର୍ଯ୍ୟା ପ୍ରଧାନ, ସତ୍ୟ ସାହୁ ଓ ସୁନୀଲ ମିଶ୍ର ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। କବି ପତିତପାବନ ପାଣି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର କୁମାର ପାତ୍ର, ସମ୍ଭିତ ପାତ୍ର, ନରେନ୍ଦ୍ର କୁମାର ପାତ୍ର, ରମେଶ ବେହେରା, ପ୍ରିୟ ଦର୍ଶିନୀ ପାତ୍ର, ଅଭିଷେକ ପାତ୍ର, କୃଷ୍ଣ ଚନ୍ଦ୍ର ଖଣ୍ଡା, ରବୀନ୍ଦ୍ର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ସହଯୋଗ ପ୍ରଦାନ କରି ଥିଲେ।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଯାପିତ

ବାରିପଦା , ୧୮/୩ (ନି.ପ୍ର): ବିଗତ ୮ ବର୍ଷ ଧରି ମୟୁରଭଞ୍ଜ ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧରେ ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦେଶ୍ୟରେ ବଳାଙ୍ଗୀ ମହୋତ୍ସବ କମିଟିର ଯୁବଶାଖା ବଳାଙ୍ଗୀ ସେନା ପକ୍ଷରୁ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଚଳିତ ବର୍ଷ ମାର୍ଚ୍ଚ୧୫ ତାରିଖରୁ ଆରମ୍ଭ ହୋଇ ଥିବା ବେଳେ, ୧୭ ତାରିଖ ରାତିରେ ବାରିପଦା ସହରରେ ଏକ ଶୋଭାଯାତ୍ରା ପରେ ଛଉ ପଡିଆ ନିକଟରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ବଳାଙ୍ଗୀ ମୋହତ୍ସବର



ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧକ୍ଷ ଅରବିନ୍ଦ ଦାସ, ସଦସ୍ୟ ଉଦୟନାଥ ଜେନା, ଇନ୍ଦୁମତି ମହାନ୍ତି, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ମୟୁରଭଞ୍ଜ ମାଟିର ଅସ୍ମିତା ଏବଂ ଐତିହ୍ୟର ସୁରକ୍ଷା ପାଇଁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକ ମାନଙ୍କର ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇବା ସହ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଜିଲ୍ଲାର କୁଳିଅଣା, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ଦୁନ୍ଦୁ, ଜାମଦା, ଗଡ, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା, ଉଦଳା, ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣଦ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା, ଦେଉଳି ଆଦି ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସମସ୍ତ ଅନୁଷ୍ଠାନ ଏବଂ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଜାଗରଣ ଯାତ୍ରାରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଳାଙ୍ଗୀ ସେନାର ଅଧକ୍ଷ କୁମାରେସ ନାୟକଙ୍କ ତତ୍ୱାବଧାନରେ ୪୦ ରୁ ଉର୍ଦ୍ଧ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲ୍ଲାର ୬୨୦ କିଲୋମିଟର ପରିକ୍ରମା କରି ସାଂସ୍କୃତିକ ଏବଂ ସାମାଜିକ ସଚେତନତା ସୃଷ୍ଟି କରିଥିଲେ।

# ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସର୍ବ ଦଳୀୟ ବୈଠକ

ବାଲିଆପାଳ , ୧୮/୩ (ନି.ପ୍ର): ଅବାଧ ଓ ନିରପେକ୍ଷ ନିର୍ବାଚନ -୨୪ ପାଇଁ ବାଲିଆପାଳ ଥାନାରେ ଏକ ସର୍ବ ଦଳୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇନ ଶୃଙ୍ଖଳା, ନିର୍ବାଚନ ପ୍ରଚାର, ସଭା ସମିତି, ଭୋଟ ଗ୍ରହଣ ଆଦି ସମ୍ପର୍କ ରେ ଆଲୋଚନା ହୋଇ ଥିଲା। ବୈଠକ ରେ ଥାନାର ଭାର ପ୍ରାପ୍ତ ଅଧିକାରୀ ସଦାନନ୍ଦ ନାୟକଙ୍କ ପୌରହିତ୍ୟ କରିଥିବା ବେଳେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଜନକ କୁମାର ନାୟକ , ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟ କାନ୍ତ ନାୟକ ଓ ବ୍ଲକ ସ୍ତରୀୟ ଅନ୍ୟ ପଦାଧିକାରୀ ମାନେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ରାଜେଶ କୁମାର ଚୌଧୁରୀ, ସୁଶାନ୍ତ କୁମାର ସେଠୀ,



ସୁନୀଲ କୁମାର ଜେନା,ଦେବ କୁମାର ଦେ, ଶାନ୍ତନୁ କୁମାର ମହାପାତ୍ର, ହେମନ୍ତ କୁମାର ଦାସ, ଲମ୍ବୋଦର ମାହାନା , ସରୋଜ କୁମାର ପିଳା, ଜଗନ୍ନାଥ ବିଶ୍ୱାଳ, ମହେଶ୍ୱର ଜେନା ପ୍ରମୁଖ ଲୋକ ପ୍ରତିନିଧି ମାନେ ଯୋଗ ଦେଇ ଅଂଶ ଗ୍ରହଣ କରିଥିଲେ।

# ଟ୍ରାକ୍‌ରେ କରୁଥିଲେ ରିଲ୍ସ: ଚଢ଼ିଗଲା ନୀଳାଚଳ ଏକ୍ସପ୍ରେସ୍

ବାଲେଶ୍ୱର , ୧୮/୩ (ନି.ପ୍ର): ଟ୍ରେନ୍ ଟ୍ରାକ୍‌ରେ ଶୋଇ ଇନ୍‌ଷ୍ଟା ରିଲ୍ସ କରୁଥିଲେ। ଚଢ଼ିଗଲା ନୀଳାଚଳ ଏକ୍ସପ୍ରେସ୍। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ବାଲେଶ୍ୱର ଜିଲ୍ଲା ସବିରା ରେଳ ଷ୍ଟେସନ୍ ନିକଟରେ ଘଟିଛି। ଆଜି ଅପରାହ୍ନରେ ସବିରା ରେଳ ଷ୍ଟେସନ ନିକଟସ୍ଥ ରେଳ ଧାରଣାରେ ଭଦ୍ରକ ଜିଲ୍ଲା ବାଣିତିଆ ଗାଁର ଅକ୍ଷୟ ପାତ୍ର ଓ ତାଙ୍କର ୫ ଜଣ ସାଥୀ ମିଶି ରିଲ୍‌ସ କରୁଥିଲେ। ଠିକ୍ ସେତିକି ବେଳେ ସେହି ଲାଇନରେ ଯାଉଥିବା ନୀଳାଚଳ ଏକ୍ସପ୍ରେସ୍ ଅକ୍ଷୟଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ତାଙ୍କ ସାଥୀମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆରପିଏଫ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଅକ୍ଷୟ ଜଣେ ଡ୍ୟାନ୍ସର। ସେ ଯାତ୍ରା ପାର୍ଟିରେ ଡ୍ୟାନ୍ସ କରନ୍ତି। ଆଜି ଅନ୍ୟ ଯୁବକଙ୍କ ସହି ଡ୍ୟାନ୍ସ କରିବା ପାଇଁ ଆସିଥିଲେ। ତା'ପୂର୍ବରୁ ରିଲ୍ସ କରିବା ପାଇଁ ସାଥୀଙ୍କ ସହ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ହେଲେ ଦୁର୍ଭାଗ୍ୟକୁ ନୀଳାଚଳ ଏକ୍ସପ୍ରେସ୍ ନେଇଗଲା ଅକ୍ଷୟଙ୍କ ଜୀବନ। ଆଉ ବାପା-ମାଆଙ୍କ କୋଳରୁ ଛଡ଼ାଇ ନେଲା ଏକମାତ୍ର ପୁଅକୁ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo